

ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏନାହିଁ।
-ମହର୍ଷି ପରାଶର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- 'ସ୍ୱାଗତିକା'ର ଜାତୀୟ ସ୍ତରୀୟ ଶିଶୁ ଯୁବ ମହୋତ୍ସବ, ସୂଚନା ଭବନ, ସକାଳ ୯ଟା।
- ତାଳପଦେଶ୍ୱରୀ ସାହିତ୍ୟ ଆସରର ତ୍ରୟୋବିଂଶତମ ବାର୍ଷିକ ଉତ୍ସବ, ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ସଭାକକ୍ଷ, ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଦିମାତା କଲୋନୀର ବାର୍ଷିକ ଉତ୍ସବ, ପୂର୍ବତଟ ରେଳୱେ ଅଡିଟୋରିୟମ୍, ମଞ୍ଚେଶ୍ୱର, ଅପରାହ୍ନ ୫ଟା।

**ବାଲିଅନ୍ତା**

- ଶ୍ରୀରାମଚରିତ ମାନସ ପାରାୟଣ ଓ ଯଜ୍ଞ ପୂର୍ଣ୍ଣାହୁତି, ମହାବୀର ମନ୍ଦିର, ଇଚ୍ଛାଦେଈପାଟଣା, ଅପରାହ୍ନ ୪ଟା।
- ଯଜ୍ଞ ପୂର୍ଣ୍ଣାହୁତି, ବଇଁଚୁଆ ବିଲ୍ଲସାହି ବ୍ରଜମୋହନଜୀଉ ମନ୍ଦିର, ଅପରାହ୍ନ ୪ଟା।
- ରାମଲୀଳା ପରିବେଷଣ, ଗୋଡଲବିନ୍ଧା, ବେଣୁପୁର ଓ କାକରୁଦ୍ରପୁର ରାମଲୀଳା ପଡ଼ିଆ, ମଧରାତି ୧୨ଟା।

**ପୁରୀ**

- ବୋଧିଚକ୍ର ପକ୍ଷରୁ ଆଲୋଚନା ଚକ୍ର, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା
- ଶାନ୍ତି ଅନୁଷ୍ଠାନ ପକ୍ଷରୁ ଶୀତଳ ବାର୍ଣ୍ଣ ସେବା ଶିବିର, ପୌରସଦନ ଛକ, ମଧାହ୍ନ ୧୨ଟା
- ମହୋଦଧି ଆଳତୀ, ସ୍ୱର୍ଗଦ୍ୱାର, ସନ୍ଧ୍ୟା ୬ଟା
- ସତ୍ୟନାରାୟଣ ବାଦିପାଲା, ମ୍ୟୁନିସିପାଲଟି ମାର୍କେଟ ଛକ, ସନ୍ଧ୍ୟା ୬ଟା

■ ଦୋଳଯାତ୍ରା ଦିନ ହୋଇ ନ ଥିଲା ମହାପ୍ରଭୁଙ୍କ ପହୁଡ଼

# ଦୋଷୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ପୁରୀ ଅଫିସ,୧୮।୪**

ମହାପ୍ରଭୁଙ୍କ ନୀତିକାନ୍ତି ଯେପରି କୌଣସି ପ୍ରକାର ବିଳମ୍ବ ନ ହୁଏ ସେଥିଲାଗି କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଶ୍ରୀମନ୍ଦିର ପ୍ରଶାସନ। ସେବାୟତମାନଙ୍କୁ ସମୟାନୁବର୍ତ୍ତିତା ହେବା ପାଇଁ ତାଗିଦ୍ କରିଛି। ଏପରି କି ବିଳମ୍ବ କଲେ ପାଳିଆ ପୁରସ୍କାର ସ୍ଥଗିତ ରଖାଯିବା ଏବଂ ଜାଣିଶୁଣି ବିଳମ୍ବ କଲେ ସେବାରୁ ଉଚ୍ଛେଦ କରାଯିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏହା ସତ୍ତ୍ୱେ ମଝିରେ ମଝିରେ ମହାପ୍ରଭୁଙ୍କ ନୀତିକାନ୍ତିରେ ବିଳମ୍ବ ହେଉଛି। ଗତ ଦୋଳ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ପହୁଡ଼ ହୋଇପାରି ନ ଥିଲା। ନୀତି ସାରି ମହାପ୍ରଭୁ ରାତି ୧୦ଟା ୧୫ରେ ଶ୍ରୀମନ୍ଦିରରେ ପହଞ୍ଚିଥିଲେ। ଏହାପରେ ଅଟକିଥିବା ନୀତି ପୁଣି ଚାଲିଥିଲା। କିନ୍ତୁ ଠାକୁରଙ୍କ ପହୁଡ଼ ହୋଇପାରି ନ ଥିଲା। ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବିଳମ୍ବ ଯୋଗୁ ଠାକୁରଙ୍କ ପହୁଡ ହୋଇପାରି ନ ଥିବା କୁହାଯାଉଛି। ଗୁରୁବାର ଅନୁଷ୍ଠିତ ନୀତି ସବ୍ କମିଟି ବୈଠକରେ ଦୋଳପୂର୍ଣ୍ଣିମା



ନୀତି ସମୀକ୍ଷା ବେଳେ ଏ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କେଉଁଥିପାଇଁ ଏବଂ କାହିଁକି ମହାପ୍ରଭୁଙ୍କ ପହୁଡ଼ ହୋଇପାରି ନ ଥିଲା ତାହାର ତଦନ୍ତ କରାଯିବ। ଏଥିରେ ଯେଉଁମାନେ ଦୋଷୀ ବୋଲି ଜଣାପଡ଼ିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଥିବା ସୂଚନା ମିଳିଛି।

ଗତ ଡିସେମ୍ବର ୨୮ତାରିଖରେ ଶ୍ରୀମନ୍ଦିରରେ ବିଭ୍ରାଟ ଘଟିଥିଲା। ଏହିଦିନ ଅପରାହ୍ନ ୫ଟାରେ ଦ୍ୱାର ଫିଟି ମଙ୍ଗଳ ଆଳତି ହୋଇଥିଲା। ଠାକୁରଙ୍କର ସ୍ୱତନ୍ତ୍ର ଘୋଡଲାଗି ନୀତି ରହିଥିଲା। ତେବେ ନୀତି ତ୍ୱରାନ୍ୱିତ ହୋଇ ରାତି ପ୍ରାୟ ୩ଟାରେ ମହାପ୍ରଭୁଙ୍କ ପହୁଡ ହୋଇଥିଲା। ଦୋଳ ପୂର୍ଣ୍ଣିମା ଦିନ ପରମ୍ପରା ଅନୁଯାୟୀ, ସକାଳ ଧୂପ ପରଠାରୁ ଶ୍ରୀମନ୍ଦିରରେ ନୀତି ବନ୍ଦ ରଖାଯାଇଥିଲା। ଏହାପରେ ଠାକୁର ଦୋଳବେଦୀକୁ ବିଜେ କରିଥିଲେ। ସେଠାରୁ ନୀତି ସାରି ରାତି ୧୦ଟା ୧୫ରେ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ଏହାପରେ ଅନ୍ୟ ନୀତିମାନ ସମ୍ପାଦିତ ହୋଇଥିଲା। ମାତ୍ର ପର୍ଯ୍ୟାପ୍ତ ସମୟ ଥାଇ ମଧ୍ୟ ଉପଯୁକ୍ତ ସମନ୍ୱୟ ଅଭାବରୁ ଠାକୁରଙ୍କ ପହୁଡ଼ ହୋଇପାରି ନ ଥିଲା। ଗୁରୁବାର ନୀତି ସବ୍ କମିଟି ବୈଠକ ପରେ ମୁଖ୍ୟ ପ୍ରଶାସକ ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ଭାବେ ବଡୁ ସୁଆର, ବିମାନ ବଡୁ ଏବଂ ମହାଜନ ସେବକମାନଙ୍କ ସହ ଆଲୋଚନା କରିଥିଲେ। ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ନୀତି କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଅକ୍ଷୟ ତୃତୀୟାର ୪ଦିନ ପୂର୍ବରୁ ଚାପ ତିଆରି କରିବା ଲାଗି ମହାରଣା ସେବକମାନଙ୍କୁ କହିଥିଲେ। ସମସ୍ତେ ଠାକୁରଙ୍କ କାମରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଥିବା ଜଣାପଡ଼ିଛି।

■ ମଙ୍ଗଳା ମନ୍ଦିରର ବିଶ୍ରାମ ଶିଳା

# ମଥା ଲଗାଇଲେ ମିଳିଥାଏ ମା'ଙ୍କ ପରଶ

**ସନ୍ତୋଷ ଦାଶ**

କାକଟପୁର, ୧୮।୪(ଡି.ଏନ୍.ଏ.): ଶ୍ରୀମନ୍ଦିର ସହ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ସମ୍ପର୍କ ଅତି ନିବିଡ଼। ପ୍ରତ୍ୟେକ ରାତିରେ ମନ୍ଦିର ପହୁଡ଼ ପଡ଼ିବା ପରେ ମା'ମଙ୍ଗଳା ଶ୍ରୀକ୍ଷେତ୍ର ଯାଇ ଶ୍ରୀଜୀଉମାନଙ୍କ ଦର୍ଶନ କରିଥାନ୍ତି ବୋଲି ପ୍ରବାଦ ରହିଛି। ଶ୍ରୀକ୍ଷେତ୍ରରୁ ଫେରି ମା' ମନ୍ଦିର ଜଗମୋହନର ଦକ୍ଷିଣ ପାର୍ଶ୍ୱରେ ଥିବା ଏକ କାରୁକାର୍ଯ୍ୟପୂର୍ଣ୍ଣ କଳା ମୁଗୁନି ପଥର ଉପରେ ଉପବେସନ କରି ଥକ୍କା ମେଣ୍ଟାଇଥାନ୍ତି। ମା' ଏହି ପଥର ଉପରେ ବିଶ୍ରାମ ନେଉଥିବାରୁ ଏହି ପଥରର ନାମ ବିଶ୍ରାମ ଶିଳା ହୋଇଥିବା କହିଛନ୍ତି ପୂଜାପଣ୍ଡା ଲଳିତ କୁମାର ଦୀକ୍ଷିତ। ଏହି ଶିଳାକୁ ଦେଖିଲେ ଏହା ଉପରେ କେହି ଉପବେସନ କରିଥିବା ପରି ଲାଗେ। ଶିଳାଟି ବି ସେହିପରି କ୍ଷୟ ହେଉଛି। କିମ୍ବଦନ୍ତୀ ଅଛି ଯେ, ଏକଦା ମା' ଶ୍ରୀକ୍ଷେତ୍ରରୁ



ଫେରୁଥିବାବେଳେ ତାଙ୍କ ହାତର ସୁନାଚୁଡ଼ି ଗୋପ ବ୍ଲକ ନିକଟସ୍ଥ ଏକ ଧାନବିଲରେ ଖସିପଡ଼ିଥିଲା। ପରଦିନ ସକାଳୁ ଚାଷୀଟି ସୁନାଚୁଡ଼ି ପାଇ ଖୁସିରେ ଘରକୁ ନେଇଯାଇ ଲୁଚାଇ ରଖିଥିଲେ। ପୂଜାପଣ୍ଡା ମା'ଙ୍କ ବାମହାତରେ ଚୁଡ଼ି ନ ଥିବା ଦେଖିବାକୁ ପାଇଥିଲେ। ଚାଷୀଟି ଯେତେବେଳେ ଜାଣିଲା ସେ ପାଇଥିବା ଚୁଡ଼ିଟି ମଙ୍ଗଳାଙ୍କର ବୋଲି ତୁରନ୍ତ କାକଟପୁର ଆସି ପୂଜାପଣ୍ଡାଙ୍କୁ ସୁନାଚୁଡ଼ି ଫେରାଇବା ସହ ମନ୍ଦିରକୁ ଉକ୍ତ ବିଲଟିକୁ ଦାନ କରିଦେଲେ। ସେହି ବିଲର ନାମ ଏବେ ସୁନାଖିଲ ଗହୀର ନାମରେ ପରିଚିତ। ବିଶ୍ରାମ ଶିଳା ଉପରେ ପ୍ରତିଦିନ ମା' ବସୁଥିବାରୁ ଏହା ପବିତ୍ର। ଏହି ଶିଳାରେ ମଥା ଲଗାଇଲେ ମା'ଙ୍କ ପରଶ ମିଳିବା ପରି ଲାଗେ। ଚୈତ୍ର ପର୍ବ ଚାଲୁଥିବାରୁ ପ୍ରତିଦିନ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହୁଛି। ବିଶ୍ରାମ ଶିଳା ସମ୍ପର୍କରେ ସେବକମାନଙ୍କଠାରୁ ଜାଣି ମାତୃଭକ୍ତମାନେ ଏଥିରେ ମଥା ଲଗାଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଛନ୍ତି।

# ମଧୁସୂଦନ ନନ୍ଦ ବୟସ- ୭୮



**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ଆଧୁନିକତାର ଚାକଚକ୍ୟ ସମ୍ପର୍କକୁ ବଦଳାଇ ଦିଏ। ସ୍ୱାର୍ଥ ଓ ଗର୍ବ ମନୁଷ୍ୟର ବ୍ୟାବହାରିକ ଚରିତ୍ରକୁ ଧ୍ୱଂସ କରିଦିଏ, ଯେଉଁଥିପାଇଁ ନିଜର ମା', ବାପା ମଧ୍ୟ ପିଲାମାନଙ୍କ ପାଇଁ ପର ଓ ଅଲୋଡ଼ା ହୋଇଯାଆନ୍ତି। ଡାକ ମୁନିସ୍ର ଚରିତ୍ରରେ ସେମାନେ ବୃଦ୍ଧ କାଳରେ ବଞ୍ଚିରୁହନ୍ତି। ବୟସ ସରିଯାଏ, ଯନ୍ତ୍ରଣା ସରେନା। ପିଲାମାନେ ଜୀବନ ତମାମ ଦୁଃଖ ଦେଇଚାଲନ୍ତି। ସମାଜର ଏଭଳି ବାସ୍ତବ ଓ ନିରାଟ ସତକଥାକୁ ପ୍ରତିଫଳନ କରି ନାଟକ 'ମଧୁସୂଦନ ନନ୍ଦ ବୟସ-୭୮' ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା। କଣ୍ଟେମ୍ପରାରୀ ଥିଏଟର ଗ୍ରୁପ୍ 'ମୁକ୍ତି' ପକ୍ଷରୁ ପ୍ରସ୍ତୁତ ଏହି ନାଟକର ରଚନା ଡ. ଶ୍ରୀରାମ ଦାସ କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ସୂର୍ଯ୍ୟ ମହାନ୍ତି। ନାଟକର ବିଭିନ୍ନ ଭୂମିକାରେ ଦୁର୍ଗେଶ, ରଶ୍ମୀ, ସୌରଭ, ତାପସ, ନିରଞ୍ଜନ, ପାର୍ଥସାରଥି, ତିଳୋତ୍ତମା, ମଧୁସୂଦନ ଅଭିନୟ କରିଥିଲେ।

■ ନୀତି ସବ୍ କମିଟି ବୈଠକ

# ଅକ୍ଷୟତୃତୀୟା, ଚନ୍ଦନଯାତ୍ରା ପାଇଁ ନୀତି ନିର୍ଘଣ୍ଟ

■ ଅପରାହ୍ନ ୪ଟାରେ ରଥ ନିର୍ମାଣ ପାଇଁ ଆଜ୍ଞାମାଳ ବିଜେ

**ପୁରୀ ଅଫିସ,୧୮।୪**

ଆସନ୍ତା ମେ ୭ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଓ ଚନ୍ଦନ ଯାତ୍ରା। ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା, ନୀଳାଦ୍ରି ମହୋଦୟାଷ୍ଟମୀ, ନୃସିଂହ ଜନ୍ମ ଓ ଭଉଁରୀର ନୀତି ନିର୍ଘଣ୍ଟ ସଂକ୍ରାନ୍ତରେ ଗୁରୁବାର ନୀତି ସବ୍ କମିଟି ବୈଠକରେ ଆଲୋଚନା ହୋଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଅଧକ୍ଷତା କରିଥିଲେ। ନିର୍ଘଣ୍ଟ ସମୟରେ କିପରି ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ ହୋଇପାରିବ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅକ୍ଷୟ ତୃତୀୟାଠାରୁ ତିନିଦିଅଁଙ୍କ ତିନିରଥ ନିର୍ମାଣ ସହ ଚନ୍ଦନ ଯାତ୍ରା ଆରମ୍ଭ ହେବ। ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ମେ ୨୬ରେ ଭଉଁରୀ ଯାତ୍ରା ହେବ। ଏ ସମ୍ପର୍କରେ ନୀତି ସବ୍ କମିଟିରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଅକ୍ଷୟ ତୃତୀୟା ନୀତି ପାଇଁ ଭୋର ୩ଟାରେ ଦ୍ୱାର ଫିଟି ଭିତର ଶୋଧ ହେବା ପରେ ୪ଟାରେ ମଙ୍ଗଳ ଆଳତି ହେବ। ଏହାପରେ ଅନ୍ୟାନ୍ୟ ନୀତି ଚାଲିବ। ସକାଳ ୭. ୩୦ରୁ ୯ଟା ମଧ୍ୟରେ ସକାଳ ଧୂପ (କେବଳ କୋଠଭୋଗ), ୧୦ଟାରେ ମଇଲମ ଓ ଯାତ୍ରାଙ୍ଗୀ ମହାସ୍ନାନ ହେବ। ଅପରାହ୍ନ ୧ଟାରେ ଦକ୍ଷିଣୀଘର ଭୋଗ ଶେଷ ହୋଇ ୧ଟାରୁ ଅପରାହ୍ନ ୨. ୩୦ ମଧ୍ୟରେ ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ), ୩ଟାରେ ଦ୍ୱାଦଶ ଯାତ୍ରା ବନ୍ଦାପନା ଓ ୩.୩୦ରେ ବିମାନକୁ ଦିଅଁବିଜେ କରିବେ। ଅପରାହ୍ନ ୪ଟାରେ ରଥ ଆଜ୍ଞାମାଳ ବିଜେ ଓ ବିମାନ ଉଠିବା, ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି, ୬.୩୦ରୁ ୮.୩୦ ପର୍ଯ୍ୟନ୍ତ ସନ୍ଧ୍ୟା ଧୂପ, ରାତି ୯. ୧୫ରେ ଆଳଟଲାଗି ଓ ୧୦ଟାରେ ପଣାଭୋଗ ହେବ। ସେହିପରି ରାତି ୧୦ଟାରେ ଚନ୍ଦନ ଠାକୁରଙ୍କ ବାହୁଡା ବିଜେ, ୧୦.୩୦ରେ ମଇଲମ ଓ ଚନ୍ଦନଲାଗି, ୧୧.୩୦ରେ ବଡ଼ସିଂହାର ବେଶ, ୧୨ଟାରେ ବଡ଼ସିଂହାର ଭୋଗ ଏବଂ ୧୨.୩୦ରେ ରାତ୍ର ପହୁଡ଼ ହେବାକୁ ସ୍ଥିର ହୋଇଛି। ସେହିପରି ଚନ୍ଦନଯାତ୍ରା ଅବସରରେ ସାଧାରଣ ଦିନର ନୀତି ନିର୍ଘଣ୍ଟ କରାଯାଇଛି। ସାଧାରଣ ଦିନରେ ଭୋର ୪ଟାରେ ଦ୍ୱାର ଫିଟାଯିବାକୁ ସ୍ଥିର ହୋଇଛି। ଏହି ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ପରିଚାଳନା କମିଟି ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ର, ମାଧବ ପୂଜାପଣ୍ଡା, ତଳୁଛ ନୀଳକଣ୍ଠ ମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ଦାସମହାପାତ୍ର, ଅନନ୍ତ ତିଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ।

# ଦୟଣା ଲାଗି ହେଲେ ମହାପ୍ରଭୁ

**ପୁରୀ ଅଫିସ,୧୮।୪**

ଚୈତ୍ର ଶୁକ୍ଳ ତ୍ରୟୋଦଶୀରେ ରାମକୃଷ୍ଣ ଦୟଣା ଚୋରି କରିଥିଲେ। ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଭୋଗମଣ୍ଡପ ଘରେ ବନ୍ଧା ପଡ଼ିଥିଲେ। ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀରେ ସେମାନେ ମୁକ୍ତ ହୋଇଥିଲେ। ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଦୟଣା ଲାଗି କରାଯାଇଥିଲା। ଏହିପରମ୍ପରା ଅନୁଯାୟୀ ଗୁରୁବାର ଶ୍ରୀମନ୍ଦିରରେ ସକାଳ ଧୂପ ସରିବା ପରେ ଠାକୁରଙ୍କ ମହାସ୍ନାନ ହୋଇଥିଲା। ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର ଏବଂ ମୁଦିରସ୍ତ ଘଟୁଆରୀ ଘରଠାରୁ ରୁପା ପିଙ୍ଗଣରେ ଚନ୍ଦନ ରତ୍ନସିଂହାସନକୁ ବିଜେ କରାଇ ସର୍ବାଙ୍ଗ ଲାଗି କରାଇଥିଲେ। ଏହାପରେ ନୂଆ ଲୁଗା ଲାଗିହୋଇ ବେଶ ବଢିଥିଲା। ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ପଣ୍ଡା, ପତି, ମୁଦିରସ୍ତ ଭୋଗମଣ୍ଡପ ଘରକୁ ଯାଇଥିଲେ। ତିନି ପୁଷ୍ପାଳକ ତିନିବାଡ଼ ଚାଙ୍ଗୁଡ଼ି ଧରିଥିଲେ। ମହାଜନ ସେବକମାନେ ମଦନମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ହାତରେ ବିଜେ କରାଇ ଘଣ୍ଟ, ଛତା, କାହାଳୀ ସହିତ ବଡଦେଉଳକୁ ୩ ଘେରା ପରିକ୍ରମା କରି ରତ୍ନସିଂହାସନରେ ବିଜେ କରାଇଥିଲେ। ତିନି ଠାକୁରଙ୍କୁ ଦୟଣା ଲାଗି ହୋଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ କରିଥିଲେ। ପାଣି ପଡ଼ି ବନ୍ଦାପନା ହେବା ପରେ ଠାକୁରଙ୍କୁ ଲାଗି ଦୟଣା ମଇଲମ ହୋଇ ନଅରକୁ ପଠାଯାଇଥିଲା। ମଦନମୋହନ ଦକ୍ଷିଣୀ ଘର ବିଜେ କରିବା ପରେ ଭୋଗ ଲାଗି ସମ୍ପନ୍ନ ହୋଇ ଦୈନନ୍ଦିନ ନୀତି ବଢିଥିଲା।

## ବଟଗୋସାଇଁଙ୍କ ମାଇପିମେଳା ଯାତ୍ରା

# ଗୁହାରିଆ ପଡ଼ିଲେ ୨ଶହ ନିଃସନ୍ତାନ ମହିଳା

**ନିମାପଡ଼ା,୧୮।୪(ଡି.ଏନ୍.ଏ.)**

ପୁରୀ ଜିଲାର ନିମାପଡ଼ା ବ୍ଲକ ଅନ୍ତର୍ଗତ ଅଂଶାଲୋ, କାହ୍ନପୁର, ନଡ଼ଣା ଗ୍ରାମର କେନ୍ଦ୍ରସ୍ଥଳିରେ ଥିବା ପ୍ରଭୁ ବଟ ଗୋସାଇଁଙ୍କ ମାଇପି ମେଳା ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହି ମାଇପିମେଳା ଯାତ୍ରାରେ ପ୍ରାୟ ୨୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ୨ଶହ ମହିଳା ବଟଗୋସାଇଁଙ୍କ ପୀଠରେ ଗୁହାରିଆ ପଡିଥିଲେ ବୋଲି ମେଳା ଫାଉଣ୍ଡେଶନ ଟ୍ରଷ୍ଟ ସମ୍ପାଦକ ଗୋପବନ୍ଧୁ ଲେଙ୍କା କହିଛନ୍ତି। ମେଳା ଦିନ ପୂଜକ ବଡ଼ ପଣ୍ଡା ଠାକୁରଙ୍କ ପାଖରେ ଆଳତି ଓ ବଡ଼ ସିଂହାର ବେଶ ସରିବା ପରେ ଗୁହାରିଆ ପଡିଥିବା ଶ୍ରଦ୍ଧାଳୁଙ୍କୁ ଜଳ, ତୁଳସୀ, ଦହିପଣା ଦେଇ ପୂଜକ ଗୁହାରିଆରୁ ଉଠାଇଥାନ୍ତି। ଗୁହାରିଆ ଉଠିବା ସମୟରେ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି, ବାଦ୍ୟ ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଉଠିଥିଲା। ଏହା ସହ ମେଳାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶଗଡ଼ା ଗ୍ରାମର କୁବେର ପ୍ରଧାନ, ଓଳାଶଂ ଗ୍ରାମର ଗୋଲ ସେନାପତି, ଖାଲିଆସାହି ଗ୍ରାମର ତଅପୋଇ ଦାସ, ଓହଳ ଗ୍ରାମର ଆଶାମଣୀ ଦାସ, ମିଟେଇପୁରର



ବଟଗୋସାଇଁଙ୍କ ପୀଠରେ ଗୁହାରିଆ ପଡ଼ିଥିବା ମହିଳାମାନେ ।

ସନାତନ ସ୍ୱାଇଁ ପ୍ରମୁଖ ଶ୍ରଦ୍ଧାଳୁ କୁହନ୍ତି, ଏହି ଠାକୁରଙ୍କ ମହିମା ଅନେକ, ଠାକୁରଙ୍କୁ ବିଶ୍ୱାସର ସହ ମାନସିକ, ପୂଜାର୍ଚ୍ଚନା କଲେ ଭକ୍ତଙ୍କ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି କହିଛନ୍ତି। ସୂଚନା ଥାଉକି, ଚୈତ୍ର ମାସ ବିଷ୍ଣୁ ଶିବ ଦମନକ ଚତୁର୍ଦ୍ଦଶୀ ତିଥିରେ ଏହି ପ୍ରସିଦ୍ଧ ମାଇପି ମେଳା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ପୀଠରେ ଗୁହାରିଆ ପଡ଼ିଲେ ନିଃସନ୍ତାନ ମହିଳାଙ୍କ ସନ୍ତାନ ପ୍ରାପ୍ତି ହେବା ସହ ବହୁ ରୋଗରୁ ମୁକ୍ତି ମିଳିଥାଏ ବୋଲି ଲୋକକଥା ରହିଛି। ପ୍ରାୟ ୩୦ଟି ଗ୍ରାମର ମହିଳାମାନେ ସେମାନଙ୍କର ସନ୍ତାନଙ୍କ ଶୁଭ ମନାସି ଉକ୍ତ ପୀଠରେ ମଧ ପିଲାଙ୍କ ଜାଁ ବାଳ ପକାଇଥାନ୍ତି। ଏହି ମେଳାରେ ବହୁ ସଂଖ୍ୟାରେ ମହିଳାଙ୍କ ସମାଗମ ହେଉଥିବାରୁ ଏହି ମେଳାକୁ ମାଇପିମେଳା ବୋଲି କୁହାଯାଇଥାଏ। ଏହି ପୀଠରେ ଏକ ବିରାଟକାୟ ହୁଙ୍କା, ବନବିହାରୀ ବୃକ୍ଷ, ୨ଟି କଠଉ ସହ ଏଠାରେ ନିରାକାର ବିଷ୍ଣୁଙ୍କୁ ପୂଜା କରାଯାଇଥାଏ ବୋଲି ପୂଜକ ଦୀପକ କୁମାର ଦାଶ ଓ କ୍ଷୀରୋଦ ଚନ୍ଦ୍ର ଦାଶ କହିଛନ୍ତି। ଏହି ହୁଙ୍କାରେ ବିଭିନ୍ନ ସମୟରେ ସାପ ଦୃଶ୍ୟମାନ ହେଉଥିବା ବହୁ ଶ୍ରଦ୍ଧାଳୁ ଓ ସ୍ଥାନୀୟ ବାସୀନ୍ଦା କହିଛନ୍ତି। ଏହି ପୀଠରେ ଗୁଆ ନଡ଼ିଆ ବସାଇ ପ୍ରଭୁ ବଟଗୋସାଇଁଙ୍କୁ ମାନସିକ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂରଣ ହୋଇଥାଏ ବୋଲି ଲୋକମତ ରହିଛି। ଅନ୍ୟପକ୍ଷରେ ଏହି ପୀଠକୁ ଯାତାୟତ ପାଇଁ ପକ୍କା ସଡ଼କ ନାହିଁ, ସ୍ଥାୟୀ ପୂଜାମଣ୍ଡପ, ଶ୍ରଦ୍ଧାଳୁଙ୍କ ରହିବା ପାଇଁ ବ୍ୟବସ୍ଥା ନାହିଁ, ବିଦ୍ୟୁତ୍ ବ୍ୟବସ୍ଥା ନ ଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହି ପୀଠକୁ ପକ୍କା ସଡ଼କ ନିର୍ମାଣ, ସ୍ଥାୟୀ ପୂଜା ମଣ୍ଡପ, ଆଲୋକ ବ୍ୟବସ୍ଥା କରାଯିବାକୁ ଆଇନଜୀବୀ ରଣଜିତ ସାହୁ, ସୁଧିର ମହାନ୍ତି, ଭରତ ପ୍ରଧାନ, ଗଙ୍ଗାଧର ଲେଙ୍କା, ମେଳା ଫାଉଣ୍ଡେଶନ ଟ୍ରଷ୍ଟ ସଭାପତି ଅଭୟ ଚରଣ ଖୁଣ୍ଟିଆ, ସମ୍ପାଦକ ଲେଙ୍କା ପ୍ରମୁଖ ସ୍ଥାନୀୟ ବିଧାୟକ, ଏମ୍‌ପି ଓ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସନ୍ତୋଷ



ବି. ମହାରଣା



ବିକାଶ



ସନ୍ତୋଷ



ଦେବାଶିଷ



ଦେବାଂଶ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୯ ଏପ୍ରିଲ୍, ୨୦୧୯



ଯିଏ ମତେ ସର୍ବଦା ଚାହାନ୍ତି ଏବଂ ଶ୍ରଦ୍ଧା ପୂର୍ବକ ମୋର ପୂଜା କରନ୍ତି, ମୁଁ ତାଙ୍କୁ ସେହି ବିବେକ ବୁଦ୍ଧି ପ୍ରଦାନ କରେ। ଯଦ୍ୱାରା ସେ ମୋତେ ସମ୍ପୂର୍ଣ୍ଣ ରୂପେ ପ୍ରାପ୍ତ ହୁଅନ୍ତି।
- ଭଗବାନ ଶ୍ରୀକୃଷ୍ଣ



# ରାଜଧାନୀରେ ତେଜିଲା ରାଜନୈତିକ ହିଂସା

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ରାଜଧାନୀରେ ରାଜନୈତିକ ହିଂସା ବଢିବାରେ ଲାଗିଛି। ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ ଭୁବନେଶ୍ୱରରେ ମତଦାନ ହେବ। ଦିନ ଯେତିକି ପାଖେଇ ଆସୁଛି ନିର୍ବାଚନୀ ହିଂସା ଆହୁରି ତେଜିବାରେ ଲାଗିଛି। ବୋମା ମାଡ଼, ଆକ୍ରମଣରେ ସହର ଥରହର ହେଉଥିବାବେଳେ ଆଗାମୀ ସ୍ଥିତିକୁ ନେଇ ନାନା ଆଶଙ୍କା ପ୍ରକାଶ ପାଇଛି। ଗତ ସପ୍ତାହରେ ୟୁନିଟ୍-୮ ଅଞ୍ଚଳରେ ଭାଜପାର ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ଭୁବନେଶ୍ୱର ମଧ୍ୟ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କୁ ଆକ୍ରମଣ କରାଯାଇଥିଲା। ବୁଧବାର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାରରେ ପ୍ରଚାରବେଳେ ପ୍ରତିପକ୍ଷ ଗୋଷ୍ଠୀଙ୍କ ଆକ୍ରମଣରେ ଭାଜପାର ୨ଜଣ ନେତାଙ୍କ ସମେତ ୫ରୁ ଊର୍ଦ୍ଧ୍ୱ କର୍ମୀ ଆହତ ହୋଇଥିଲେ। ପୁଣି ବିଳମ୍ବିତ ରାତିରେ ଭାଜପା ଓ ବିଜେଡି କାର୍ଯ୍ୟାଳୟ ଉପରକୁ ବୋମା ମାଡ଼ ହୋଇଛି। ଏହି ଘଟଣାକୁ ନେଇ ସହରରେ ଆତଙ୍କ ଖେଳିଯାଇଛି।

## ଭାଜପା କାର୍ଯ୍ୟାଳୟକୁ ବୋମାମାଡ଼

ବୁଧବାର ରାତିରେ ପ୍ରଥମ ବୋମାମାଡ଼ ୟୁନିଟ୍-୮ ତଥା ୪୮ ନମ୍ବର ୱାର୍ଡସ୍ଥିତ ଭାଜପା କାର୍ଯ୍ୟାଳୟ ଉପରକୁ ହୋଇଥିଲା। ୪ଜଣ ଯୁବକ ଦୁଇଟି ବାଇକ୍‌ରେ ଆସି କାର୍ଯ୍ୟାଳୟ ଉପରକୁ ୩ ବୋମା ଫିଙ୍ଗି ପଳାଇଥିଲେ। ଖବର ପାଇ ନୟାପଲ୍ଲୀ ଥାନା ପୋଲିସ ଓ ବୋମା ନିଷ୍କ୍ରିୟ ଟିମ୍ ପହଞ୍ଚି ଅଫୁଟା ବୋମାକୁ ନିଷ୍କ୍ରିୟ କରିଥିଲେ। ଏନେଇ ପୋଲିସ ୧୯୨/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ହେଲେ ଏଯାଏ କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିନି।



ସୂଚନା ଅନୁଯାୟୀ, ଦୁଇଦିନ ତଳେ ୟୁନିଟ୍-୮ ଅଞ୍ଚଳରେ ବିଜେଡିର ଭୁବନେଶ୍ୱର ମଧ୍ୟ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କ ଭାଇରାଲ ଅଶ୍ଳୀଳ ଫଟୋ ଛପାଯାଇ ବିଭିନ୍ନ ସ୍ଥାନରେ ଲଗାଯିବା ସହ ଲୋକଙ୍କ ଘର ସମ୍ମୁଖରେ ପକାଯାଇଥିଲା। ଏହାକୁ କେନ୍ଦ୍ର କରି ବିଜେଡି ଓ ଭାଜପା କର୍ମୀ ମୁହାଁମୁହିଁ ହୋଇଥିଲେ। ବୁଧବାର ରାତି ପ୍ରାୟ ୧୧ରେ ୟୁନିଟ୍-୮ ଭାଜପା କାର୍ଯ୍ୟାଳୟରେ କାଁ ଭାଁ କେତେଜଣ କର୍ମୀ ଥିଲେ। ଏହି ସମୟରେ ଗୋଟିଏ ବୁଲେଟ ଓ ଆଉ ଏକ ପଲସରରେ ୪ଜଣ ଯୁବକ ଆସି ଭାଜପା କାର୍ଯ୍ୟାଳୟକୁ ଲକ୍ଷ୍ୟ କରି ବୋମାମାଡ଼ କରିଥିଲେ। ହେଲେ ବୋମା କୌଣସି କାରଣ ବଶତଃ ଫୁଟି ନ ଥିଲା। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବିଧାୟକ ପ୍ରାର୍ଥୀ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚିବା ପରେ ପୋଲିସକୁ ଜଣାଇଥିଲେ। ଘଟଣା ପଛରେ ବିଜେଡି କର୍ମୀଙ୍କ ହାତଥିବା ସେ ଅଭିଯୋଗ କରିଛନ୍ତି। ପ୍ରଧାନ କହିଛନ୍ତି, କିଛିଦିନ ତଳେ ୟୁନିଟ୍-୮ରେ ଆମ ଉପରକୁ ଆକ୍ରମଣ କରାଯାଇଥିଲା। ହାରିବା ଭୟରେ ବିଜେଡି କର୍ମୀ ବୋମା ମାଡ଼ ଓ ଆକ୍ରମଣ ଭଳି ହୀନ କାର୍ଯ୍ୟ କରୁଛନ୍ତି। ଏଥିରେ ଆମ କର୍ମୀ ଡରିବେନି। ସେମାନଙ୍କର ଅସଲ ଚେହେରା ପଦାରେ ପଡିଲାଣି। ଆଗାମୀ ୨୩ ତାରିଖରେ ଲୋକେ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି।

## ଭାଜପା ନେତା, କର୍ମୀଙ୍କୁ ଆକ୍ରମଣଃ ଜଣେ ଗିରଫ

ବୁଧବାର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାରସ୍ଥିତ ମଙ୍ଗଳାବସ୍ତିକୁ ଭାଜପାର ଉତ୍ତର ବିଧାୟକ ପ୍ରାର୍ଥୀ ଅପରାଜିତା ମହାନ୍ତି ଅନ୍ୟକେତେଜଣ ନେତା, କର୍ମୀ ଓ ସମର୍ଥକଙ୍କ ସହ ପ୍ରଚାରରେ ଯାଇଥିଲେ। ଏହି ସମୟରେ ବସ୍ତିର କେତେଜଣ ବିଜେଡି କର୍ମୀ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଭୁବନେଶ୍ୱରର ଭାଜପା ସାଧାରଣ ସମ୍ପାଦକ ସୁଶାନ୍ତ ସାବତ ଓ ଚନ୍ଦ୍ରଶେଖରପୁର ଭାଜପା ମଣ୍ଡଳ ସଭାପତି ମାନସୀ ମଞ୍ଜରୀ ରାୟଙ୍କ ସମେତ ବହୁ କର୍ମୀ ଆହତ ହୋଇଥିଲେ। ଏନେଇ ଚନ୍ଦ୍ରଶେଖରପୁର ପୋଲିସ ଆଇପିସି ଦଫା ୩୪୧, ୩୨୩, ୨୯୪, ୪୨୭, ୩୫୪, ୫୦୬ ଓ ୩୪ ଅନୁଯାୟୀ ମାମଲା ନଂ.୬୩/୧୯ ରୁଜୁକରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୋଲିସ ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ପ୍ରମୋଦ କୁମାର ସାବତ(୨୪)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

ଏନେଇ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ରାଜନୈତିକ ହିଂସା ଉପରେ ନଜର ରଖିବାକୁ ସମସ୍ତ ଏସିପି, ଇନ୍‌ସପେକ୍ଟର ଓ ପୋଲିସ କର୍ମଚାରୀଙ୍କୁ କୁହାଯାଇଛି। ଯଦି କୌଣସି ସ୍ଥାନରୁ ଅଭିଯୋଗ ଆସୁଛି, ତାହାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ବିଜେଡି କର୍ମୀମାନେ ଲକ୍ଷ୍ମୀସାଗର ଥାନା ଘେରାଉ କରିଛନ୍ତି।



ବୋମାମାଡ଼ ହୋଇଥିବା ସ୍ଥାନ।

## ବିଜେଡି ଭୁବନେଶ୍ୱର ଜିଲା ସଭାପତିଙ୍କ କାର୍ଯ୍ୟାଳୟକୁ ବୋମାମାଡ଼

**କଟକ ରୋଡ,୧୮।୪(ଡି.ଏନ୍.ଏ.):** ରାଜଧାନୀରେ ଦେଖାଦେଇଛି ନିର୍ବାଚନୀ ହିଂସା। ବୁଧବାର ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଥାନା ଅଧୀନ ଚିନ୍ତାମଣିଶ୍ୱର ନିକଟ ଚମ୍ପାପୋଖରୀରେ ଥିବା ବିଜେଡି ଭୁବନେଶ୍ୱର ଜିଲା ସାଂଗଠନିକ ସଭାପତି ଅମରେଶ ଜେନାଙ୍କ କାର୍ଯ୍ୟାଳୟ ଉପରକୁ ବୋମାମାଡ଼ ହୋଇଛି। ଏନେଇ ବିଜେଡି କର୍ମୀ ହରି ସାମନ୍ତରାୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ଅଞ୍ଚଳରେ ରୋଡ୍ ଶୋ ରହିଥିଲା। ଏନେଇ ସଭାପତିଙ୍କ କାର୍ଯ୍ୟାଳୟରେ କେତେଜଣ ରାଜନୈତିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଯିବା ପରେ ହରିଙ୍କ ସହ ଅନ୍ୟ ଜଣେ କର୍ମୀ ଅଫିସରେ ଥିବା ବେଳେ ରାତି ପ୍ରାୟ ୨ଟାରେ ଭାଜପା କର୍ମକର୍ତ୍ତା ପ୍ରଶାନ୍ତ ନାୟକ ଓ ତାଙ୍କର କେତେଜଣ ସହଯୋଗୀ ସଭାପତିଙ୍କ କାର୍ଯ୍ୟାଳୟ ଉପରକୁ ୨ଟି ବୋମାମାଡ଼ କରି ଫେରାର ହୋଇଯାଇଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଏନେଇ ପୋଲିସ ଅନୁସନ୍ଧାନ ଜାରି ରଖିଥିବା ବେଳେ ଗୁରୁବାର ଭାଜପା କର୍ମକର୍ତ୍ତା ପ୍ରଶାନ୍ତଙ୍କ ସହ ଅନ୍ୟ ୩ଜଣଙ୍କ ନାମରେ ମାମଲା(ନଂ.୧୦୫/୧୯)ରୁଜୁ ହୋଇଛି। ଖବରପାଇ ରାତିରେ ସଭାପତି ଅମରେଶ ଓ ଭୁବନେଶ୍ୱର ମଧ୍ୟ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କ ସହ ବହୁ ବିଜେଡି କର୍ମୀ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବହୁ ବିଜେଡି କର୍ମୀ ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ଥାନା ଘେରିଥିଲେ। ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା ଓ ଥାନା ଅଧିକାରୀ ଦୟାନିଧି ନାୟକ ପହଞ୍ଚି ବିଜେଡି କର୍ମୀଙ୍କୁ ବୁଝାଶୁଝା କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଥାନା ଛାଡିଥିଲେ। ଘଟଣା ସମ୍ପର୍କରେ ଏସିପି ପଣ୍ଡା କୁହନ୍ତି, କାର୍ଯ୍ୟାଳୟ ନିକଟରେ ଲାଗିଥିବା କେତେକ ସିସିଟିଭି ଫୁଟେଜ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଏନେଇ ଭାଜପା କର୍ମକର୍ତ୍ତା ପ୍ରଶାନ୍ତ କୁହନ୍ତି, ବୁଧବାର ରାତି ସାଢେ ୧୦ଟା ଠାରୁ ଭୋର ପର୍ଯ୍ୟନ୍ତ ମୁଁ ମଧ୍ୟ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ କାର୍ଯ୍ୟାଳୟରେ ରହିଥିଲି। ରାଜନୀତିରେ ହିଂସାକୁ ଗ୍ରହଣ କରେ ନାହିଁ। ବୋମାମାଡ଼ ଘଟଣାରେ ମୋର କୌଣସି ସମ୍ପୃକ୍ତି ନାହିଁ। ସାଂଗଠନିକ ସଭାପତି ଅମରେଶ କୁହନ୍ତି, କୌଣସି ପରିସ୍ଥିତିରେ ହିଂସାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ନିର୍ବାଚନ ପରେ ଥାନା ଆଗରେ ଧାରଣା ସହ ବିକ୍ଷୋଭ କରାଯିବ ବୋଲି କହିଛନ୍ତି।

**ଥାନା ଘେରିଲେ ବିଜେଡି ସମର୍ଥକ**

## ସଂକ୍ଷେପରେ

### ସମ୍ବିତ୍‌ଙ୍କ ନାଁରେ ମାମଲା

**ପୁରୀ ଅଫିସ,୧୮।୪:** ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ରଙ୍କ ନାଁରେ ସମୁଦ୍ର କୂଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ଡା. ପାତ୍ର ନିର୍ବାଚନ ପ୍ରଚାରରେ ଦେବାଦେବୀଙ୍କ ସାହାରା ନେଉଥିବା ଦର୍ଶାଇ ପୁରୀ ୧୦୭ ବିଧାନସଭା ନିର୍ବାଚନମଣ୍ଡଳୀ ଫ୍ଲାଇଂ ସ୍କ୍ୱାଡ୍-୧ର ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ବିଜୟ କୁମାର ଜେନାଙ୍କ ଏତଲାକୁ ଭିତ୍ତି କରି ଏହି ମାମଲା ରୁଜୁ କରାଯାଇଛି। ଜିଲା ପ୍ରଶାସନର ବାରମ୍ବାର ନୋଟିସ ସତ୍ତ୍ୱେ ସମ୍ବିତ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଏତଲାରେ ଦର୍ଶାଯାଇଛି। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ଡା. ପାତ୍ରଙ୍କୁ ପଚାରିବାରେ କହିଛନ୍ତି ଯେ, ମାମଲା ସଂକ୍ରାନ୍ତରେ ମୋ ପାଖରେ କୌଣସି ଖବର ନାହିଁ। ଯଦି ମୋ ପାଖକୁ ଏ ନେଇ କୌଣସି ନୋଟିସ୍ ଆସେ ତାହାର ଉତ୍ତର ଦେବି।

### କୋଣାର୍କରେ ପାଳନ ହେଲାନି ବିଶ୍ୱ ଐତିହ୍ୟ ଦିବସ



**କୋଣାର୍କ, ୧୮।୪(ଡି.ଏନ୍.ଏ.):** ଭାରତ ସରକାରଙ୍କ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ କୋଣାର୍କରେ ବିଶ୍ୱ ଐତିହ୍ୟ ଦିବସ ସମାରୋହ ପାଳନ କରାଯାଇନାହିଁ। ନାମକୁ ମାତ୍ର ସୂର୍ଯ୍ୟମନ୍ଦିର ଓ ପୁରାତତ୍ତ୍ୱ ସଂଗ୍ରହାଳୟର ମୁଖ୍ୟ ଫାଟକରେ କେବଳ ବ୍ୟାନର ମରାଯାଇ ଲୋକଦେଖାଣିଆ ଭାବରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ କାର୍ଯ୍ୟକ୍ରମ କରାଯାଇ ନ ଥିବାରୁ କୋଣାର୍କ ଅଞ୍ଚଳର ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ପ୍ରତିଭାଧାରୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇନାହିଁ। ସୂର୍ଯ୍ୟମନ୍ଦିର ଓ ସଂଗ୍ରହାଳୟ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏହି ଦିବସ ପାଳନର ବିଶେଷତ୍ୱ ବିଷୟରେ ଜଣାଇବାକୁ ଚଳିତ ବର୍ଷ କୌଣସି ପଦକ୍ଷେପ ନିଆ ନ ଯିବାରେ ମନ୍ଦିର ଓ ସଂଗ୍ରହାଳୟ ପରିଭ୍ରମଣରେ ଆସିଥିବା ପର୍ଯ୍ୟଟକମାନେ ଏହି ବ୍ୟାନର ଦେଖି ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କୁ ଏହା କ'ଣ ବୋଲି ପ୍ରଶ୍ନ କରିଥିଲେ। ଏହି ସମାରୋହ ପାଳନ ନିମନ୍ତେ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଅନୁଦାନ ଆସୁଥିବାବେଳେ କେଉଁ ପରିସ୍ଥିତିରେ କାହା ଇଙ୍ଗିତରେ ଏଏସ୍‌ଆଇ ଓ ସଂଗ୍ରହାଳୟର ଅଧିକାରୀ ଐତିହ୍ୟ ଦିବସ ଭଳି ମହାନ୍ ପରମ୍ପରାକୁ କୁଠାରାଘାତ କରି କେବଳ ବ୍ୟାନର ଦ୍ୱାରା ଏହି ସମାରୋହ ପାଳନ କଲେ ତାହାର ବିଭାଗୀୟ ତଦନ୍ତ ପାଇଁ କୋଣାର୍କ ସଂସ୍କୃତିପ୍ରେମୀ ଦାବି କରିଛନ୍ତି। ଏହିଭଳି ଭାବରେ ବିଭାଗ ପକ୍ଷରୁ ବିଭିନ୍ନ ଦିବସ ପାଳନ ପାଇଁ ଲକ୍ଷାଧିକ ଟଙ୍କା ଅନୁଦାନ ଆସୁଥିଲେ ମଧ ତାହା କାଗଜ କଲମରେ ଖର୍ଚ୍ଚ ହେଉଥିବା ଦର୍ଶାଯାଇ ହରିଲୁଟ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ୧୮ ବର୍ଷରେ ଫିଲ୍ମ ମେକର

## ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି ରାଜକିଶୋରଙ୍କ 'ମାୟା'

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**



ରାଜକିଶୋର ମହାପାତ୍ର।




ମାୟା ଫିଲ୍ମରେ ଅଭିନୟ କରିଥିବା ବାଳକ।

ବୟସ ମାତ୍ର ୧୮ବର୍ଷ। ହେଲେ ପ୍ୟାଶନ ଫିଲ୍ମ ମେକିଂ। ଏତେ କମ୍ ବୟସରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାଣ କରି ଚର୍ଚ୍ଚା ପରିସରକୁ ଆସିଛନ୍ତି ଓଡ଼ିଶାର ରାଜକିଶୋର ମହାପାତ୍ର। ସମାଜ ପାଇଁ କିଛି କରିବାର ଇଚ୍ଛା ତାଙ୍କୁ ଦେଇଛି ନୂଆ ପରିଚୟ। କେବଳ ଏତିକି ନୁହେଁ, ତାଙ୍କ ଡକ୍ୟୁମେଣ୍ଟାରୀ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶନ ପାଇଁ ମନୋନୀତ ହେବା ସହ ପ୍ରଶଂସିତ ମଧ ହୋଇଛି।

ଭୁବନେଶ୍ୱରର ଛାତ୍ର ରାଜକିଶୋର ଏକ ସାମାଜିକ କାହାଣୀକୁ ଆଧାର କରି ନିର୍ମାଣ କରିଛନ୍ତି ପ୍ରାମାଣିକ ଚଳଚ୍ଚିତ୍ର 'ମାୟା: ଏ ଷ୍ଟେଟ୍ ଅଫ୍ ଟ୍ରାନ୍ସ'। ୨୦୧୯ ଜାନୁୟାରୀ ୭ରେ ୟୁଟ୍ୟୁବ୍‌ରେ ରିଲିଜ ହୋଇଥିବା ଏହି ଶର୍ଟ ଡକ୍ୟୁମେଣ୍ଟାରୀ ଫିଲ୍ମ ନିକଟରେ ଆମେରିକାର ଫିଲାଡେଲ୍‌ଫିଆ ସହରରେ ଅନୁଷ୍ଠିତ ଫିଲାଡେଲ୍‌ଫିଆ ୟୁଥ୍ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ଶ୍ରେଷ୍ଠ ଡକ୍ୟୁମେଣ୍ଟାରୀ ଫିଲ୍ମର ଆୱାର୍ଡ ପାଇଛି। ଏହାବ୍ୟତୀତ ଏହି ଫିଲ୍ମ ମୁମ୍ବାଇର ଦାଦା ସାହେବ ଫାଲ୍‌କେ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶନ ହେବାକୁ ମଧ ମନୋନୀତ ହୋଇଥିଲା। ସହରାଞ୍ଚଳ ବସ୍ତିରେ ରହୁଥିବା ଶିଶୁ ଓ କିଶୋରମାନେ କିଭଳି ପରିସ୍ଥିତିରେ ଫସି ନିଶା କବଳରେ ପଡୁଛନ୍ତି ଓ ଅତି ସାଧାରଣରେ ମିଳିପାରୁଥିବା ଅଠା, ଜୋତା ପଲିସ୍, ନେଲ୍ ପଲିସ୍ ଭଳି ଘରୋଇ ସାମଗ୍ରୀର ଅପବ୍ୟବହାର କରୁଛନ୍ତି, ତାହା ଉପରେ ଏହି ଫିଲ୍ମ ଆଧାରିତ ହୋଇଛି। ଏହି ସମ୍ବେଦନଶୀଳ ଘଟଣା ଉପରେ ଅଧିକ ଗବେଷଣା କରିବା ସହ ରାଜକିଶୋର ଫିଲ୍ମ ତିଆରି ପାଇଁ ପ୍ରାୟ ଦେଢ଼ବର୍ଷ କାମ କରିଥିଲେ। ଆଉ ଏଥିପାଇଁ ସେ ଭୁବନେଶ୍ୱରର ବିଭିନ୍ନ ବସ୍ତିକୁ ଯାଇ ସେଠାରେ ପିଲାମାନଙ୍କ ସହିତ କଥାବାର୍ତ୍ତା ହେବା ସହ ତାଙ୍କ ପରିସ୍ଥିତି ବୁଝିବାକୁ ପ୍ରୟାସ କରିଥିଲେ। ଏହାଛଡ଼ା ମନସ୍ତତ୍ତ୍ୱବିତ୍ ଡ. ଶୁଭେନ୍ଦୁ ନାରାୟଣ ମିଶ୍ର, ଡ. ସୁଶାନ୍ତ ସାହୁ, ସାମାଜିକ କର୍ମୀ ଘାସିରାମ ପଣ୍ଡା, ଡଲି ଦାସ ପ୍ରମୁଖଙ୍କଠାରୁ ଏହାର କାରଣ, ନକାରାତ୍ମକ ପ୍ରଭାବ ଓ ପ୍ରତିକାର ସମ୍ପର୍କରେ ଅବଗତ ହୋଇଥିଲେ। କେବଳ 'ମାୟା' ନୁହେଁ, ସେ ଅନ୍ୟ କେତେକ କ୍ଷୁଦ୍ର ଚଳଚ୍ଚିତ୍ର ମଧ ନିର୍ମାଣ କରିଛନ୍ତି। ଏହାସହ ଅଜିତ୍ ଦାସ ଓ ବିକାଶ ଚୌଧୁରୀଙ୍କ ପରି ବରିଷ୍ଠ ଅଭିନେତାଙ୍କ ସହ କାମ କରିଛନ୍ତି। ଆଗକୁ ମଧ ଏହିଭଳି ସାମାଜିକ ଘଟଣାବଳୀକୁ ନେଇ ଫିଲ୍ମ ତିଆରି କରିବାକୁ ରାଜକିଶୋର ଲକ୍ଷ୍ୟ ରଖିଛନ୍ତି।

# 'ହସ୍ତତନ୍ତ, ହସ୍ତଶିଳ୍ପ, ଜୈବ ବିବିଧତା ଆମର ଐତିହ୍ୟ'

**ବିଶ୍ୱ ଐତିହ୍ୟ ଦିବସ ପାଳିତ**

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**



କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଐତିହ୍ୟ ବିଶେଷଜ୍ଞ ଜିତୁ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କେବଳ ମନ୍ଦିର, ସ୍ଥାପତ୍ୟ କି ପ୍ରସିଦ୍ଧ କୀର୍ତ୍ତିରାଜିକୁ ଐତିହ୍ୟ କୁହାଯିବନି। ଆମ ଚାରିପାଖରେ ରହିଥିବା ଅନେକ ସାଂସ୍କୃତିକ ସମ୍ପଦ ମଧ ଐତିହ୍ୟ ପରିସରଭୁକ୍ତ। ଓଡ଼ିଶାରେ ଟେରାକୋଟା, ଡୋକ୍ରା, ପଟଚିତ୍ର, ଗଞ୍ଜାପା, ତାରକସି କାମ, ତାଳପତ୍ର ଉପକରଣ, ମାଟି ଓ କନା କଣ୍ଢେଇ, କାଗଜମୁଖା ଏବଂ ତନ୍ତବସ୍ତ୍ର ଭଳି ପ୍ରାଚୀନ ହସ୍ତଶିଳ୍ପ, ହସ୍ତତନ୍ତ ସାମଗ୍ରୀ ଆମ ଐତିହ୍ୟ ମଧ୍ୟରୁ ଅନ୍ୟତମ। ସେହିପରି ଜଙ୍ଗଲ, ନଦୀ, ପାହାଡ଼, ଜୈବ ବିବିଧତାପୂର୍ଣ୍ଣ ପରିବେଶ, ପୁଷ୍କରିଣୀ ଓ ଜଳଉତ୍ସ, ପର୍ବପର୍ବାଣି, ନୃତ୍ୟଗୀତ, ବାଦ୍ୟଯନ୍ତ୍ର ଏବଂ ଲୋକ ସାଂସ୍କୃତିକ ଉପାଦାନଗୁଡ଼ିକ ମଧ ଐତିହ୍ୟ ଅନ୍ତର୍ଭୁକ୍ତ। ତେଣୁ କେବଳ ମନ୍ଦିର, ସ୍ଥାପତ୍ୟ ଓ ଅନ୍ୟାନ୍ୟ ଦର୍ଶନୀୟ କୀର୍ତ୍ତିରାଜିକୁ ଐତିହ୍ୟ ଭାବେ ଗୁରୁତ୍ୱ ଦେଇ ଆମେ ସ୍ମାରକୀଭିନ୍ନ ଅନ୍ୟ ଐତିହ୍ୟଗୁଡ଼ିକୁ ଅଣଦେଖା କରିବା ଅନୁଚିତ ବୋଲି ବିଶିଷ୍ଟ ପ୍ରତ୍ନତତ୍ତ୍ୱବିଦ୍ ତଥା ଐତିହ୍ୟ ବିଶେଷଜ୍ଞ ଜିତୁ ମିଶ୍ର କହିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ 'ବିଶ୍ୱ ଐତିହ୍ୟ ଦିବସ' ଅବସରରେ ଗୁରୁବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ କହିଥିଲେ, ଜନଜାତିଙ୍କ ବିଭିନ୍ନ କୃତ୍ୟାଙ୍ଗ ଓ ଉପଚାର, ଗହଣାଗାଣ୍ଠି ଓ ଅଳଙ୍କାର, ଗ୍ରାମୀଣ ଭିତ୍ତିଚିତ୍ର, ଓଷାବ୍ରତ, ଏପରି କି ଖାଦ୍ୟସଂସ୍କୃତିର ମଧ ଐତିହ୍ୟ ରହିଛି। ସେମାନଙ୍କର ମଦରନ୍ଧା, ସାପ୍ତାହିକ ହାଟ, ମାଛଧରା, ଜଳସେଚନ, ଖାଦ୍ୟ ପ୍ରକ୍ରିୟାକରଣ ଐତିହ୍ୟ ଅନ୍ତର୍ଭୁକ୍ତ। ଏ ସବୁ ସହିତ ଆମର ସାମାଜିକ, ଆର୍ଥିକ, ଧାର୍ମିକ ଓ ସାଂସ୍କୃତିକ ଜୀବନଧାରା ଜଡ଼ିତ ଏବଂ ପରବର୍ତ୍ତୀ ପିଢ଼ିଗୁଡ଼ିକ ପାଇଁ ଏହା ପ୍ରେରଣାପ୍ରଦ। ତେଣୁ ଐତିହ୍ୟର ସଂରକ୍ଷଣ ସହିତ ସେ ବାବଦରେ ବ୍ୟାପକ ସଚେତନତା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। 'ଓଡ଼ିଶା ପରିଦୃଶ୍ୟରେ ସ୍ମାରକୀଭିନ୍ନ ଐତିହ୍ୟ' ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି ମିଶ୍ର ଆହୁରି କହିଥିଲେ, ଐତିହ୍ୟ ପଛରେ ଥିବା କାହାଣୀ ଜାଣିବା ଏକାନ୍ତ ଜରୁରୀ। ଛାତ୍ରୀଛାତ୍ର, ଯୁବପିଢ଼ି ଏପରି କି, ଶିଶୁମାନଙ୍କୁ ଐତିହ୍ୟ ସମ୍ପର୍କରେ ସଚେତନ କରାଯିବା ଉଚିତ।

କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ଉତ୍ତରାଧିକାର ସୂତ୍ରରେ ଆମକୁ ମିଳିଥିବା ବିଭିନ୍ନ ସାଂସ୍କୃତିକ ସମ୍ବଳ ଓ ବିଶେଷତ୍ୱ ଆମର ଐତିହ୍ୟ। ଐତିହ୍ୟ ସବୁବେଳେ ସମଗ୍ର ମାନବଜାତିର ଆକର୍ଷଣ ଓ ଆଲୋଚନାର ବିଷୟ ହୋଇ ରହିଛି। ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ଓଡ଼ିଶାରେ ଐତିହ୍ୟ ସଂରକ୍ଷଣ ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଶୁଚିସ୍ମିତା ମନ୍ତ୍ରୀ ଧନ୍ୟବାଦ ଓ ସୁନିତା ସଂଯୋଜନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଗୁଡ୍ ଫ୍ରାଇଡେ' ପାଇଁ ଭୁବନେଶ୍ୱର ୟୁନିଟ୍-୪ସ୍ଥିତ ୟୁନିୟନ ଚର୍ଚ୍ଚକୁ ଆଲୋକମାଳାରେ ସଜାଯାଇଛି।

## ସରକାରଙ୍କ ସ୍କୁଲ ଛୁଟି ନିର୍ଦ୍ଦେଶନାମା

# ଖାତିର କଲେନି ଘରୋଇ ବିଦ୍ୟାଳୟ

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

- ବିନା ୟୁନିଫର୍ମରେ ସ୍କୁଲ ଆସିଲେ ଛାତ୍ରୀଛାତ୍ର
- ତଦନ୍ତ କରିବ ବିଭାଗ

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲ ୧୮ରୁ ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲ ଛୁଟି କରିବାକୁ ସରକାର ଘୋଷଣା କରିଥିଲେ। ଏହି କ୍ରମରେ ଗୁରୁବାରଠାରୁ ରାଜ୍ୟର ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ଦ୍ଦେଶନାମା ଅନୁଯାୟୀ, ସ୍କୁଲ ଛୁଟି ସମୟରେ କେବଳ ପିଲାମାନଙ୍କର ପାଠପଢ଼ା ବନ୍ଦ ରହିବ, କିନ୍ତୁ ଶିକ୍ଷକମାନେ ସ୍କୁଲରେ ଉପସ୍ଥିତ ରହିବେ। ତେବେ ରାଜ୍ୟ ସରକାରଙ୍କ ଘୋଷଣା ପରେ ମଧ ଗୁରୁବାର ରାଜଧାନୀର ଅନେକ ଘରୋଇ ଇଂଲିଶ ମିଡିୟମ୍ ସ୍କୁଲ ଖୋଲା ରହି ପିଲାମାନଙ୍କର କ୍ଲାସ୍ ଚାଲିଥିଲା। ଏପରି କି, ଚାଲାକ କ୍ରମେ କେତେକ ସ୍କୁଲରେ ବସ୍ ସୁବିଧା ବନ୍ଦ କରିଦିଆଯାଇଥିଲା। ଅଭିଭାବକମାନଙ୍କ ସହିତ ସ୍କୁଲ ଆସିବାକୁ କୁହାଯାଇଥିଲା। ସେହିପରି ଆଉ କେତେକ ସ୍କୁଲରେ ବିନା ୟୁନିଫର୍ମରେ ଆସିବାକୁ ପିଲାମାନଙ୍କୁ କୁହାଯାଇଥିଲା। ସାଦା ପୋଷାକରେ ସକାଳ ପ୍ରାୟ ସାଢ଼େ ୬ଟାରେ ପିଲାମାନେ ସ୍କୁଲ ଯାଇ ପୂର୍ବାହ୍ନ ସାଢ଼େ ୧୦ଟାରେ ଘରକୁ ଫେରିଥିଲେ। ଏଲ୍‌କେଜି ପିଲାଙ୍କୁ ମଧ ସ୍କୁଲ ଯିବାକୁ କୁହାଯାଇଥିଲା। ସରକାରୀ ନିର୍ଦ୍ଦେଶନାମା ସତ୍ତ୍ୱେ ଛୋଟ ଛୋଟ ପିଲାଙ୍କୁ ଟାଣଖରାରେ ସ୍କୁଲ ଆସିବା ପାଇଁ କିପରି କର୍ତ୍ତୃପକ୍ଷ କହୁଛନ୍ତି, ତାହାକୁ ନେଇ ଅନେକ ଅଭିଭାବକ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ କେତେକ ବିଦ୍ୟାଳୟ ଗୁରୁବାର ଶେଷ କ୍ଲାସ୍ କରିଥିବା ବେଳେ ଆଉ କେତେକ ସ୍କୁଲ ଛୁଟି ନେଇ ଅଘୋଷିତ ନିୟମ ରଖିଛନ୍ତି। ଶୁକ୍ରବାର 'ଗୁଡ୍ ଫ୍ରାଇଡେ' ଓ ତା' ପରଦିନ ମାସର ଦ୍ୱିତୀୟ ଶନିବାର ପଡୁଥିବା ବେଳେ ରବିବାର ସାଧାରଣତଃ ଛୁଟିଦିନ। ତେଣୁ ଏହି ୩ଦିନ ସ୍କୁଲ ଛୁଟି ରହିବା ପରେ ସୋମବାର ପୁଣି ସେହିଭଳି କ୍ଲାସ୍ ହେବ ବୋଲି ଅଭିଭାବକମାନଙ୍କୁ କୁହାଯାଇଛି। ସବୁଠାରୁ ବଡ଼କଥା ହେଉଛି, କିଛିଦିନ ହେବ ରାଜଧାନୀ ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହର ପାଲଟୁଛି। ଏଠାରେ ତାପମାତ୍ରା ସର୍ବାଧିକ ରହୁଛି। ଏହା ଜାଣି ମଧ ସ୍କୁଲ କର୍ତ୍ତୃପକ୍ଷ କିଭଳି ଛାତ୍ରୀଛାତ୍ରଙ୍କ ଜୀବନ ସହ ଖେଳୁଛନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀ ସସ୍ମିତା ମାଳୀ କୁହନ୍ତି, ସରକାରୀ ସହିତ ସମସ୍ତ ଘରୋଇ ବିଦ୍ୟାଳୟ ବନ୍ଦ ରଖିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ଏହାକୁ ଖିଲାପ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୁରୁବାର କେଉଁ ସ୍କୁଲ ଖୋଲା ରହିଥିଲା, ତାହା ଆମ ପାଖରେ ଖବର ନାହିଁ। କିନ୍ତୁ ସୋମବାର ତଦନ୍ତ କରାଯିବ। ଯଦି ଏହା ସତ୍ୟ ହୋଇଥିବ, ତା' ହେଲେ ଉକ୍ତ ବିଦ୍ୟାଳୟଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ମହିଳାଙ୍କୁ ମାଡ଼, ସନିଆ ଗିରଫ

ଭୁବନେଶ୍ୱର,୧୮।୪ (ବ୍ୟୁରୋ): ଫାଳିକିଆ ବସ୍ତିରେ ଆତଙ୍କ ଖେଳାଉଥିବା ସନିଆ କୁଞ୍ଜ (୨୦)ଙ୍କୁ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଗିରଫ କରିଛି। ପୋଲିସ ତାଙ୍କ ବିରୋଧରେ ଆଇପିସି ଦଫା ୫୦୬, ୩୨୩, ୩୦୭ରେ ମାମଲା ନଂ. ୧୪୬/୧୯ ରୁଜୁ କରି କୋର୍ଟ ଚାଲାଣ କରିଛି। ତାଙ୍କ ନାମରେ କ୍ୟାପିଟାଲ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ସନିଆ ନିଶାଗ୍ରସ୍ତ ଅବସ୍ଥାରେ ସେହି ବସ୍ତିରେ ରହୁଥିବା ଗିତାଞ୍ଜଳୀ ନାୟକଙ୍କ ଘରେ ପଶିଥିଲେ। ତାଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଗିତାଞ୍ଜଳୀ ଗୁରୁତର ଆହତ ହୋଇଛନ୍ତି। ଅଭିଯୋଗ ପରେ ପୋଲିସ ଉକ୍ତ ବସ୍ତିରେ ଚଢାଉ କରି ଅଭିଯୁକ୍ତ ସନିଆଙ୍କୁ ଧରିଥିଲା।

### ଶ୍ରୀ ସାଇ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ

ବାଲିଅନ୍ତା,୧୮।୪(ଡି.ଏନ୍.ଏ.)- ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅନନ୍ତପୁରସ୍ଥିତ ଶ୍ରୀ ସାଇ ପବ୍ଲିକ ସ୍କୁଲର ୮ମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ କର୍ମୀ ଯଜ୍ଞାଶିଷ ମହାପାତ୍ର ଅଭିଭାବକମାନେ ପିଲାମାନଙ୍କ ଅନ୍ତର୍ନିହିତ ଗୁଣକୁ ଚିହ୍ନିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଓ ସମ୍ମାନିତ ଅତିଥି ଭାବେ ପିକକ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ହାସ୍ୟାଭିନେତା ପ୍ରଜ୍ଞା ଖଟୁଆ, ଅଭିନେତ୍ରୀ ଫ୍ଲୋରେନ୍ସ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସଂସ୍କାର ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍କୁଲ ଡାଇରେକ୍ଟର ଜିତେନ୍ଦ୍ର ସାସମଲ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଲେଙ୍କା ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଏକାମ୍ରରେ କଂଗ୍ରେସର ବାଇକ୍ ଶୋଭାଯାତ୍ରା

ପୁରୁଣା ଭୁବନେଶ୍ୱର, ୧୮।୪ (ଡି.ଏନ.ଏ.) : ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ରଶ୍ମି ମହାପାତ୍ରଙ୍କ ମାରାଥନ ପ୍ରଚାର ଚାଲୁ ରହିଛି। ଏକାମ୍ର ନିର୍ବାଚନମଣ୍ଡଳୀରେ ରଶ୍ମି ବିଭିନ୍ନସ୍ଥାନରେ ପଦଯାତ୍ରା କରିବା ପରେ ଗୁରୁବାର ବାଇକ୍ ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ବରମୁଣ୍ଡାର ଶତାବ୍ଦିନଗରଠାରୁ ଶୋଭାଯାତ୍ରା ବାହାରି ସୌଭାଗ୍ୟନଗର ଫେଜ୍-୧, ଫେଜ୍-୨, ରବୀନ୍ଦ୍ର ଗାର୍ଡେନ, ରତ୍ନା ଭିଲ୍ଲା ଅଞ୍ଚଳ, ଫ୍ରେଣ୍ଡ୍ସ କଲୋନୀ, ବରମୁଣ୍ଡା ଫାୟାର ଷ୍ଟେଶନ୍ ଛକ, ଶିରିପୁର ଆଦି ଅଞ୍ଚଳ ପରିକ୍ରମା କରିଥିଲା। ମହାପାତ୍ର ଏହି ଅବସରରେ ହାତ ଚିହ୍ନରେ ଭୋଟ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ। କଂଗ୍ରେସ ଥିବା ସମୟରେ ଦେଶ ଓ ଅଞ୍ଚଳରେ ପ୍ରଗତି ହୋଇଛି। ପୁଣି କଂଗ୍ରେସ ଆସିଲେ ପ୍ରଗତି ହେବା ସହ ସୁଖ ଦୁଃଖରେ ସାମିଲ ହେଉଥିବା ଲୋକଙ୍କୁ ଭୋଟ ଦିଅନ୍ତି ବୋଲି ସେ କହିଥିଲେ। ବହୁ ଯୁବତୀଯୁବକଙ୍କ ସମେତ ଛାତ୍ର , ଯୁବ ଓ ମହିଳା କଂଗ୍ରେସର ସଭ୍ୟମାନେ ସାମିଲ ହୋଇଥିଲେ।

### ଶ୍ରୀଲିଙ୍ଗରାଜଙ୍କ ନାମରେ ଅନ୍ୟ ବିଶ୍ୱବିଦ୍ୟାଳୟ ଖୋଲିବାକୁ ଦାବି

ପୁରୁଣା ଭୁବନେଶ୍ୱର, ୧୮।୪ (ଡି.ଏନ.ଏ.) ରାଜଧାନୀ ଭୁବନେଶ୍ୱରରେ ଉତ୍କଳ ବିଶ୍ୱବିଦ୍ୟାଳୟ ବାଦ୍ ଅନ୍ୟ ଏକ ବିଶ୍ୱବିଦ୍ୟାଳୟ ଆବଶ୍ୟକତା ରହିଛି। ଛାତ୍ରୀଛାତ୍ରମାନଙ୍କ ସଂଖ୍ୟା ବୃଦ୍ଧି ଏବଂ ଉଚ୍ଚଶିକ୍ଷା ପାଇଁ ଏହି ଆବଶ୍ୟକତା ପୂରଣ କରିବାକୁ ହେଲେ ସରକାର ଅନ୍ୟ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନା କରିବା ସହ ଶ୍ରୀଲିଙ୍ଗରାଜଙ୍କ ନାମରେ ନାମିତ କରିବାକୁ ପୁରୁଣା ଭୁବନେଶ୍ୱର ଅଞ୍ଚଳର ବୁଦ୍ଧିଜୀବୀମାନେ କହିଛନ୍ତି। ଏଠାରେ ଭିତ୍ତିଭୂମି ରହିଥିବା ସତ୍ତ୍ୱେ ଉଚ୍ଚଶିକ୍ଷା ପାଇଁ ଅନେକ ପିଲା ଅନ୍ୟ ରାଜ୍ୟକୁ ପଢିବାକୁ ଯାଇଥାନ୍ତି। ସେହିଭଳି ଅନେକେ ମଧ୍ୟ ଆର୍ଥିକ ଅନଟନ ଯୋଗୁ ବାହାରକୁ ଯିବା ଏବଂ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସରକାର ତୁରନ୍ତ ଏକ ବିଶ୍ୱବିଦ୍ୟାଳୟ ଶ୍ରୀଲିଙ୍ଗରାଜଙ୍କ ନାମରେ ସ୍ଥାପନ କରିବାକୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ନିକଟରେ ଦାବି କରାଯାଇଥିବା ବରିଷ୍ଠ ନାଗରିକ ପ୍ରସନ୍ନ ମହାସୁଆର କହିଛନ୍ତି।

■ ବିଶ୍ୱ ଐତିହ୍ୟ ଦିବସରେ ଅଭିନବ ବିରୋଧ

# ଗୌରୀ କୁଣ୍ଡର ପୁନରୁଦ୍ଧାର ପାଇଁ ଜଳ ସତ୍ୟାଗ୍ରହ

ପୁରୁଣା ଭୁବନେଶ୍ୱର, ୧୮।୪ (ଡି.ଏନ.ଏ.)



କେଦାରଗୌରୀ କୁଣ୍ଡରେ ଏକାମ୍ର ଜନଜାଗରଣ ମଞ୍ଚ ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି।

ସମଗ୍ର ବିଶ୍ୱରେ ଗୁରୁବାର ଅର୍ନ୍ତଜାତୀୟ ଐତିହ୍ୟ ଦିବସ ପାଳିତ ହେଉଛି। ଏହି ଅବସରରେ ରାଜ୍ୟରେ ଥିବା ଐତିହ୍ୟଗୁଡ଼ିକର ଉପଯୁକ୍ତ ସୁରକ୍ଷା ଓ ସଂରକ୍ଷଣ ଦାବିରେ ଏକାମ୍ର ଜନଜାଗରଣ ମଞ୍ଚର ସଦସ୍ୟମାନେ କେଦାରଗୌରୀ ମନ୍ଦିରସ୍ଥିତ ଗୌରୀ କୁଣ୍ଡରେ ଅଭିନବ ଢଙ୍ଗରେ ଜଳ ସତ୍ୟାଗ୍ରହ ମାଧ୍ୟମରେ ଜନସାଧାରଣ ଓ ପ୍ରଶାସନକୁ ସଚେତନ କରିଛନ୍ତି। କୁଣ୍ଡ ଭିତରେ ସଦସ୍ୟମାନେ ରହି ଏହାର ପୁନରୁଦ୍ଧାର ପାଇଁ ୨୦୧୬ରେ ମଞ୍ଜୁର ହୋଇଥିବା ୧ କୋଟି ୩୦ଲକ୍ଷ ଟଙ୍କାର ଅନୁଦାନ ରାଶି କାର୍ଯ୍ୟ କେଉଁଆଡେ ଗଲା ବୋଲି ସ୍ଲୋଗାନ ଦେଇଥିଲେ। ଅଦ୍ୟାବଧି ପୁନରୁଦ୍ଧାର ନିମନ୍ତେ ଘୋଷିତ ରାଶିର ବ୍ୟୟରେ କୌଣସି ସନ୍ତୋଷଜନକ ବିବରଣୀ କର୍ତ୍ତୃପକ୍ଷ ଦେଉ ନ ଥିବାବେଳେ ଏଭଳି ଏକ ଐତିହାସିକ କୁଣ୍ଡର ଭବିଷ୍ୟତ ସଂରକ୍ଷଣକୁ ନେଇ ମଞ୍ଚ ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ କରାଯାଇଥିଲା। ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଏହି ଐତିହ୍ୟ କୁଣ୍ଡ ପରିଦର୍ଶନରେ ଆସିଥାନ୍ତି। ଅତୀତ ଗୌରବର ମୂକସାକ୍ଷୀ ଏକାମ୍ର କ୍ଷେତ୍ରରେ ଏଭଳି ସମସ୍ତ ଜଳାଶୟଗୁଡ଼ିକର ସୁରକ୍ଷା, ସଂରକ୍ଷଣ କେବଳ କର୍ତ୍ତୃପକ୍ଷଙ୍କର ନୁହେଁ ଜନସାଧାରଣଙ୍କ ଏକ କର୍ତ୍ତବ୍ୟ ବୋଲି ସେମାନେ କହିଥିଲେ। ଏହି ଜଳ ସତ୍ୟାଗ୍ରହରେ ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ନେତୃତ୍ୱରେ ମୃତ୍ୟୁଞ୍ଜୟ ମହାନ୍ତି, ବ୍ରଜରାଜ ପଣ୍ଡା, ସୁଲତା ସାହାଣୀ, ତିଳୋତ୍ତମା ମହାନ୍ତି, ସଞ୍ଜୁଲତା ପଟ୍ଟନାୟକ, ଜଗତ ଚନ୍ଦ୍ର ଦାସ, ଗୋପୀନାଥ ପ୍ରଧାନ, ହିମାଂଶୁ ହୋତା, ଅତୁଲ୍ୟ କାନୁନ୍‌ଗୋ, ବିଷ୍ଣୁପ୍ରିୟା ଜେନା, ସ୍ୱପ୍ନାରାଣୀ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

## ମଧ୍ୟମ, ଉତ୍ତର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ

ଭୁବନେଶ୍ୱର,୧୮।୪(ବ୍ୟୁରୋ)



ନିର୍ବାଚନ ପାଖେଇ ଆସୁଥିବାରୁ ପ୍ରଚାର ଅଭିଯାନ ମଧ୍ୟ ଜୋରସୋରରେ ଆଗେଇ ଚାଲିଛି। ବିଜେଡି ପ୍ରାର୍ଥୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ ଜିଲାରେ ଘନ ଘନ ରୋଡ ଶୋ କରି ପ୍ରଚାର ଚଳାଇଛନ୍ତି। କଟକ ଓ ଭୁବନେଶ୍ୱରରେ ନବୀନ ମାରାଥନ ରୋଡ ଶୋ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ମଧ୍ୟମ ଏବଂ ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀରେ ରୋଡ ଶୋ କରିଛନ୍ତି।

ମଧ୍ୟମ ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ହାଇଟେକ୍ ବସରେ ବସି ନିର୍ବାଚନ ପ୍ରଚାର କରିଥିଲେ। ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ, ମଧ୍ୟମ ଭୁବନେଶ୍ୱର ବିଧାନସଭା ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଏବଂ ଦଳୀୟ ସମର୍ଥକଙ୍କ ସହ ନବୀନ ଡିଏଭି ସ୍କୁଲ ଛକ, ପାୱାର ହାଉସ ଛକ, ୧୨୦ ବାଟାଲିୟନ ଛକ, ରେକଣ୍ଡ୍ରସ ଛକ, ସାଇନ୍ସ ପାର୍କ ଛକ ଓ ଶେଷରେ ଆଚାର୍ଯ୍ୟ ବିହାର ଛକ ପର୍ଯ୍ୟନ୍ତ ଯାଇଥିଲେ। ମୁଖ୍ୟମନ୍ତ୍ରୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରୁଥିବା ଦେଖାଯାଇଥିଲା।

ମଧ୍ୟମ ନିର୍ବାଚନମଣ୍ଡଳୀ ପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ପାଇଁ ରୋଡ ଶୋ କରିଥିଲେ। ଜୟଦେବ ବିହାର ଛକରୁ ବାହାରି ମୁଖ୍ୟମନ୍ତ୍ରୀ ଆଇଆରସି ଭିଲେଜ ଦେଇ ସାଲିଆସାହି, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ପଟିଆ ଛକ, ଡମଣା ଛକ, କିଟ୍ ଛକ, ଶିଖରଚଣ୍ଡୀ, ରଘୁନାଥପୁର ଏବଂ ନନ୍ଦନକାନନରେ ପହଞ୍ଚିଥିଲେ। ରୋଡ ଶୋ ସମୟରେ ବିପୁଳ ବିଜେଡି କର୍ମୀ ଓ ଲୋକମାନେ ତାଙ୍କୁ ସ୍ୱାଗତ କରିଥିଲେ।



ଭୁବନେଶ୍ୱର ୟୁନିଟ-୩ ଏକ୍‌ଜିବିଶନ ପଡ଼ିଆ ସମ୍ମୁଖରେ ସ୍ମାର୍ଟ ସିଟି ଅନଲାଇନ ଗ୍ରୁପ ଭୁବନେଶ୍ୱର-ଖୋର୍ଦ୍ଧା ପକ୍ଷରୁ ଅନୁଷ୍ଠିତ ଜଳସେବା ଶିବିରରେ ଉପସ୍ଥିତ ଲୋକମାନେ ।

## ବ୍ରହ୍ମେଶ୍ୱରରେ ବିଶ୍ୱ ଐତିହ୍ୟ ଦିବସ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ବ୍ରହ୍ମେଶ୍ୱର ମନ୍ଦିର ପରିସରରେ ସାଂସ୍କୃତିକ ଅନୁଷ୍ଠାନ 'ଐତିହ୍ୟ' ଓ 'ଭାରତୀୟ ପର୍ଯ୍ୟଟନ ବିଭାଗ' ଭୁବନେଶ୍ୱର ଶାଖା ପକ୍ଷରୁ ଗୁରୁବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମେଶ୍ୱର ପାଟଣା ଉଚ୍ଚ ବିଦ୍ୟାଳୟରେ ଏକ ସେମିନାରର ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷକ ବିଶ୍ୱରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସେମିନାରରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସରକାରଙ୍କ ଦକ୍ଷିଣ ପୂର୍ବ ନୌବାଣିଜ୍ୟ ପ୍ରତିଷ୍ଠାନ (ଓଆଇଏମଏସଇଏଏସ)ର ସମ୍ପାଦକ ତଥା ପ୍ରତ୍ନତତ୍ତ୍ୱବିତ୍ ଡ. ସୁନୀଲ କୁମାର ପଟ୍ଟନାୟକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଭାରତୀୟ ପର୍ଯ୍ୟଟନ ବିଭାଗର ପର୍ଯ୍ୟଟନ ଅଧିକାରୀ ଜଗନ୍ନାଥ ବେହେରା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। 'ଐତିହ୍ୟ'ର ଆବାହକ ଅରୁଣ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରୁ ବ୍ରହ୍ମେଶ୍ୱର ମନ୍ଦିର ଯାଏଁ ଐତିହ୍ୟ ପଦଯାତ୍ରା କରିଥିଲେ। ପଦଯାତ୍ରାର ଶେଷରେ ଛାତ୍ରୀଛାତ୍ରଙ୍କୁ ଗବେଷକ ଅଧ୍ୟାପକ ବିବେକାନନ୍ଦ ପଣ୍ଡା ମନ୍ଦିରର ସ୍ଥାପତ୍ୟ ବିଷୟରେ ବୁଝାଇଥିଲେ। ଶେଷରେ ଅରୁଣ କୁମାର ନାୟକ 'ଐତିହ୍ୟ' ପକ୍ଷରୁ ସମସ୍ତ ଅତିଥି ଓ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ଧନ୍ୟବାଦ ଦେବା ସହ ବ୍ରହ୍ମେଶ୍ୱର ଉଚ୍ଚ ବିଦ୍ୟାଳୟକୁ ଏକ 'ପୋଷ୍ୟ ବିଦ୍ୟାଳୟ' ଭାବେ ଘୋଷଣା କରିଥିଲେ। ଏକ ଐତିହ୍ୟ କ୍ଲବ ଗଠନ କରାଯିବ ବୋଲି କହିଥିଲେ।

## ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର

ବାଲିଅନ୍ତା,୧୮।୪(ଡି.ଏନ୍.ଏ.)

ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଡ. ଅରବିନ୍ଦ ଢାଲି ଗୁରୁବାର ବାଲିଅନ୍ତା ବ୍ଲକ ବଇଁଚୁଆ ଓ ସତ୍ୟଭାମାପୁର ପଞ୍ଚାୟତରେ ମାରାଥନ୍ ପ୍ରଚାର କରିଛନ୍ତି। ବଇଁଚୁଆ ହାଟ ଛକରୁ ପ୍ରାର୍ଥୀଙ୍କର ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଢାଲି ବଇଁଚୁଆ ପଞ୍ଚାୟତର ଧବଳାହାର, ବିଲସାହି, ବଡ଼େଇସାହି ଏବଂ ସତ୍ୟଭାମାପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଭୋଟରଙ୍କଠାରୁ ଭୋଟ ଭିକ୍ଷା କରିଥିଲେ। ବିଧାୟକ ପ୍ରାର୍ଥୀଙ୍କ ସହ ବଇଁଚୁଆ ସରପଞ୍ଚ ବିଜୟ ସାହୁ, ସନତ ସ୍ୱାଇଁ, ଅଚ୍ୟୁତାନନ୍ଦ ପାତ୍ର, ଜଗତ୍‌ଜୀବନ ସାହୁ, ଅମରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ରଥଖଳାରେ ପହଞ୍ଚିଲା ରୁକୁଣା ରଥ

ପୁରୁଣା ଭୁବନେଶ୍ୱର, ୧୮।୪ (ଡି.ଏନ.ଏ.)



ଦୀର୍ଘ ୬ଦିନ ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ତାଙ୍କର ରୁକୁଣା ରଥଯାତ୍ରା ଶେଷ କରିଛନ୍ତି। ଏହା ସତ୍ତ୍ୱେ ବୁଧବାର ଗୋସାଗରେଶ୍ୱର ଛକରେ ଅଟକ ରହିଥିବା ରୁକୁଣା ରଥ ଗୁରୁବାର ଅପରାହ୍ନ ସାଢେ ୬ଟାରେ ରଥଖଳାରେ ପହଞ୍ଚିଛି। ରଥଦାଣ୍ଡର ବଡେଇବାଙ୍କ ଆଗକୁ ରଥ ଗଡୁଥିବା ବେଳେ ଅଟକି ରହିଥିଲା। ପରେ ମନ୍ଦିରରୁ ଅଭିମାନିନୀ ମା' ପାର୍ବତୀ ପାଲିଙ୍କିରେ ବସି ରାଗ ତମ ତମ ହୋଇ ରଥ ନିକଟକୁ ଆସିଥିଲେ। ସେଠାରେ ଶ୍ରୀଲିଙ୍ଗରାଜଙ୍କ ସହ ପାର୍ବତୀଙ୍କ କଳି ହୋଇଥିଲା। ରଥରେ କାହିଁକି ତାଙ୍କୁ ମହାପ୍ରଭୁ ନେଇ ନ ଥିଲେ ସେହି ରାଗରେ ରଥ ପଟା ଖଣ୍ଡେ ଧରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଅଭିମାନିନୀ ମା' ଚାହାଣି ମଣ୍ଡପରେ ଖଟୁଲିରେ ଜଗି ରହିଥିଲେ, କେତେବେଳେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ଆସୁଛନ୍ତି ସେହି ବାଟ ସେ ଚାହିଁ ରହିଥିଲେ।

■ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ



ଉତ୍ତ୍ୟକ୍ତଲୋକେ ରାସ୍ତା ଅବରୋଧ କରିଛନ୍ତି।

ବାଲିପାଟଣା,୧୮।୪(ଡି.ଏନ୍.ଏ.)

ବାଲିପାଟଣା ଥାନା ଅନ୍ତର୍ଗତ ଆଇତଳଙ୍ଗ ନିକଟରେ ଗୁରୁବାର ଏକ କ୍ଷୀର ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତୁରିନ୍ତିରା ଗ୍ରାମର ବିଦ୍ୟୁତ୍ ଭୂଷଣ ସ୍ୱାଇଁ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ତୁରିନ୍ତିରା ଗ୍ରାମବାସୀ ଆଇତଳଙ୍ଗଠାରେ ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, ବିଦ୍ୟୁତ୍ ଏକ ବାଇକ୍(ଓଡି ୧୩ କେ ୦୨୫୯)ରେ ବାଲିପାଟଣା ଅଭିମୁଖେ ଆସୁଥିବା ବେଳେ ଅଠାନ୍ତର ପଟୁ ଆସୁଥିବା ଏକ କ୍ଷୀର ବୋଝେଇ ଟ୍ରକ୍ (ଓଡି ୦୨ ଏସ୍ ୦୨୮୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀ ବିଦ୍ୟୁତ୍ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ହେବା ପରେ ତୁରିନ୍ତିରା ଗ୍ରାମବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଆଇତଳଙ୍ଗଠାରେ ରାସ୍ତାରୋକୋ କରିଥିଲେ। ଖବରପାଇ ବାଲିପାଟଣା ଥାନା ଅଧିକାରୀ ବଳରାମ ନାୟକ ପହଞ୍ଚି ଉତ୍ତ୍ୟକ୍ତଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ପାଣ୍ଠିରୁ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ କ୍ଷୀର ବୋଝେଇ ଟ୍ରକ୍ ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ଟ୍ରେନ୍ ଯାତ୍ରୀଙ୍କୁ ନିଶା ଦେଇ ଲୁଟ୍

ଭୁବନେଶ୍ୱର,୧୮।୪ (ବ୍ୟୁରୋ)

ରାଜଧାନୀରେ ମାତିଛନ୍ତି ନିଶାଦିଆ ଲୁଟେରା। ବିଶେଷକରି ରେଳ ଷ୍ଟେଶନ ଓ ବସ୍ ଷ୍ଟାଣ୍ଡରେ ଏହି ଗ୍ୟାଙ୍ଗ୍ ସକ୍ରିୟ ରହିଛି। ବୁଧବାର ରାତିରେ ଭୁବନେଶ୍ୱର ରେଳ ଷ୍ଟେଶନରେ ପୁଣି ଜଣେ ଟ୍ରେନ୍ ଯାତ୍ରୀ ନିଶାଦିଆ ଲୁଟେରାଙ୍କ ହାବୁଡରେ ପଡ଼ିଛନ୍ତି। ଲୁଟେରାମାନେ ୧୦ ହଜାର ଟଙ୍କା, ମୋବାଇଲ ଫୋନ ଓ ଅନ୍ୟ ସାମଗ୍ରୀ ଲୁଟି ନେଇ ତାଙ୍କୁ ଫିଙ୍ଗି ଦେଇ ଚାଲିଯାଇଛନ୍ତି। କଟକ ରୋଡରୁ ତାଙ୍କୁ ପୋଲିସ ଅଚେତ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସୁସ୍ଥ ହେବା ପରେ ଘଟଣା ସମ୍ପର୍କରେ ଜଣାପଡିଥିଲା। ଲୁଟ୍‌ର ଶିକାର ଯାତ୍ରୀ ଜଣକ ହେଲେ ଢେଙ୍କାନାଳ କଣ୍ଟାପାଳ ଅଞ୍ଚଳର ଶ୍ରୀକାନ୍ତ ମହାରଣା। ସେ ବାଙ୍ଗାଲୋରରେ ଚାକିରି କରନ୍ତି। ବୁଧବାର ପ୍ରଶାନ୍ତି ଏକ୍ସପ୍ରେକ୍ସରେ ଫେରୁଥିଲେ। ଭୋର୍ ସମୟରେ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କ ସହ ଜଣେ ବ୍ୟକ୍ତିଙ୍କର ପରିଚିତ ହୋଇଥିଲା। ଉକ୍ତ ବ୍ୟକ୍ତି ଜଣକ ତାଙ୍କ ଘର ଢେଙ୍କାନାଳ ବୋଲି କହିବା ସହ ସାଙ୍ଗ ହୋଇ ଯିବାକୁ କହିଥିଲେ। ଏହାପରେ ଶ୍ରୀକାନ୍ତଙ୍କୁ ଡାକି ଲୁଟେରା ଜଣକ ଚା'ପିଇବାକୁ ଦେଇଥିଲେ। ଏହାପରେ ଶ୍ରୀକାନ୍ତ ଅଚେତ ହୋଇଯାଇଥିଲେ। ତାଙ୍କୁ ଲୁଟେରା ଜଣକ ଏକ ଅଟୋରେ ବସାଇ ଲୁଟ୍ କରିବା ପରେ କଟକରେଡସ୍ଥିତ ଏକ ଅନ୍ଧାରୁଆ ସ୍ଥାନରେ ଫିଙ୍ଗି ଦେଇଦେଇଥିବା ପୋଲିସ କହିଛି।

## ପ୍ରତିଶ୍ରୁତି ପାଳନ କରିବାରେ କେନ୍ଦ୍ର ସରକାର ଅସଫଳ



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଅସଫଳ ବୋଲି ଜେଏନୟୁର ପ୍ରଫେସର ଜୟତୀ ଘୋଷ ଓ ବରିଷ୍ଠ ସାମ୍ବାଦିକ ମନୋଜ ମିତ୍ତ କହିଛନ୍ତି। ଗୁରୁବାର ଲୋହିଆ ଏକାଡ଼େମୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ସେ ଆହରି କହିଛନ୍ତି ଯେ, ଆଦିବାସୀଙ୍କ ଜଙ୍ଗଲ ଅଧିକାର ଆଇନକୁ ଲାଗୁକରିବା ହେଉ କି ସାମାଜିକ ଭତ୍ତା କରିବା କଥା ହେଉ ସବୁଥିରେ କେବଳ ରାଜନୀତି ହୋଇଛି କିନ୍ତୁ ଏଥିପ୍ରତି କିଛି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଦେଶରେ ବେକାରୀ ସଂଖ୍ୟା ସର୍ବାଧିକ ୭ପ୍ରତିଶତରେ ପହଞ୍ଚିଛି। ୨୦୧୮ରେ ଦେଶ ୧କୋଟି ଏକ ଲକ୍ଷ ନିଯୁକ୍ତି ହରାଇଛି। ସେହିପରି କେନ୍ଦ୍ର ସରକାର କୃଷି ଓ କୃଷକଙ୍କ ପ୍ରତି ବହୁ ଅବହେଳା କରିଛନ୍ତି। କୃଷକଙ୍କ ବ୍ୟାଙ୍କ ଖାତାକୁ ଯେଉଁ ୧୫ଲକ୍ଷ ଟଙ୍କା ଯାଇଥାନ୍ତା ତାହାକୁଆଡ଼େ ଗଲା ବୋଲି ପ୍ରଶ୍ନ କରିବା ସହ ଏପରି ଘୃଣ୍ୟ ରାଜନୀତିକୁ ଦୃଢ ନିନ୍ଦା କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ମିତ୍ତ ଦେଶର ବିଭିନ୍ନ ଗଣ ସଙ୍ଗଠନର ପ୍ରତିନିଧି ଓ ବୁଦ୍ଧିଜୀବୀଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରସ୍ତୁତ କରିଥିବା ଅଭିଯୋଗପତ୍ର ଓ ଦାବିଗୁଡ଼ିକୁ ରାଜନୈତିକ ଦଳଗୁଡ଼ିକ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ସାମନ୍ତରା, ପ୍ରଫେସର ଗୋଲଖ ନାଥ, ଅଭିରାମ ବେହେରା, ନରେନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

■ ସରିଲା ଲିଙ୍ଗରାଜ ମହୋତ୍ସବ

## ଧୁମ୍ ମଚାଇଲା ସୁକନ୍ୟାଙ୍କ ଭାରତୀୟ ସାଂସ୍କୃତିକ ଟ୍ରଷ୍ଟ

ପୁରୁଣା ଭୁବନେଶ୍ୱର, ୧୮।୪(ଡି.ଏନ.ଏ.)

ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ଭଜନ ମଣ୍ଡପରେ ଲିଙ୍ଗରାଜ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଲିଙ୍ଗରାଜଙ୍କ ରଥ ଖଳାରେ ଲାଗିବା ପରେ ମହାପ୍ରଭୁଙ୍କ ସମ୍ମୁଖରେ କଳାକାରମାନେ ପ୍ରଦର୍ଶନ କରିଥିଲେ ନୃତ୍ୟ। ସୁକନ୍ୟା ଭାରତୀୟ ସାଂସ୍କୃତିକ ଟ୍ରଷ୍ଟ ପକ୍ଷରୁ ପ୍ରେମାଳି ମିଶ୍ରଙ୍କ ପରିଚାଳନା ଓ ନିର୍ଦ୍ଦେଶନାରେ ଓଡ଼ିଶୀ ମଙ୍ଗଳାଚରଣାରେ ଶିବ ତାଣ୍ଡବ ପରିବେଷଣ କରିଥିଲେ। ପରେ ଶିବ ଭଜନରେ କୁନି କୁନି କଳାକାରମାନେ ସମ୍ବଲପୁରୀ ଓ କ୍ରିଏଟିଭ୍ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜ୍ୟୋତି କଳାମନ୍ଦିର ପକ୍ଷରୁ ଓଡ଼ିଶୀ ନୃତ୍ୟ, କଲିକତାର ନୂପୁର ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ରିଏଟିଭ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସମ୍ପାଦକ ସନତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ ତଥା ଯୁଗ୍ମ ସଚିବ ଶୁଭେନ୍ଦୁ ନାୟକ, ଉପ ନିର୍ଦ୍ଦେଶକ ବିପିନ ବାରିକ, ଜିଲା ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ପ୍ରାଣକୃଷ୍ଣ ନାୟକ, ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଲିଙ୍ଗରାଜ ଥାନା ଅଧିକାରୀ, ମନ୍ଦିର କାର୍ଯ୍ୟ ନୀର୍ବାହୀ ଅଧିକାରୀ, ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ, ବଡୁ ନିଯୋଗ, କ୍ଷେତ୍ରବାସୀ ନିଯୋଗ, ସମର୍ଥା ନିଯୋଗ, ମହାରଣା ସେବାୟତ ଗୋଷ୍ଠୀ, କମାର ଗୋଷ୍ଠୀ, ଅପାଟିଆ ସେବାୟତ ଗୋଷ୍ଠୀ ଓ ଖବରଦାତାମାନଙ୍କୁ ସମ୍ମାନିତ କରାଯାଇଥିଲା। ବାସୁଦେବ ନାଥ ଓ ଡ. ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ।

■ ଫାଇନାନ୍ସ ସଂସ୍ଥା କର୍ମଚାରୀ ମୃତ୍ୟୁ ଘଟଣା

## ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ଭୁବନେଶ୍ୱର,୧୮।୪ (ବ୍ୟୁରୋ)

ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ଫାଇନାନ୍ସ ସଂସ୍ଥାର ଛାତ ଉପରୁ ବୁଧବାର ମଣ୍ଟୁ ନାୟକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଥିଲା। ଗୁରୁବାର ଏନେଇ ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ମୃତ ମଣ୍ଟୁଙ୍କ ବାପା ତ୍ରିଲୋଚନ କହିଛନ୍ତି। ଏହି ଘଟଣାରେ ଉକ୍ତ ଫାଇନାନ୍ସ ସଂସ୍ଥାର ମ୍ୟାନେଜରଙ୍କ ସଂପୃକ୍ତିଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କୁ ପୋଲିସ ପଚରାଉଚରା କଲେ ମୃତ୍ୟୁର ରହସ୍ୟ ଖୋଲିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ମଣ୍ଟୁଙ୍କ ଘର କଟକ ଅରିଶୋଲ ଗ୍ରାମରେ। ସେ ସବୁଦିନ ପରି ସକାଳ ପ୍ରାୟ ୯ଟାରେ ଘରୁ ବାହାରି ଅଫିସ ଯାଇଥିଲେ। ହେଲେ ପୂର୍ବାହ୍ନ ୧୦ଟା ୨୭ରେ ତାଙ୍କ ପୁଅଙ୍କ ଦେହ ଖରାପ ଥିବା କହି ସଂସ୍ଥାର ଜଣେ କର୍ମଚାରୀ ତାଙ୍କ ବାପା ତ୍ରିଲୋଚନଙ୍କୁ ଘରୋଇ ହସ୍ପିଟାଲକୁ ଡକାଇଥିଲେ। ତ୍ରିଲୋଚନ ହସ୍ପିଟାଲରେ ପହଞ୍ଚି ପୁଅର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ହେଲେ ପୁଅର ମୃତଦେହକୁ ଦେଖିବା ପାଇଁ ସୁଯୋଗ ଦିଆଯାଇ ନ ଥିଲା। ଏହାପରେ ତ୍ରିଲୋଚନ ସଂସ୍ଥାର କର୍ମଚାରୀଙ୍କୁ ପଚାରିବାରୁ ସେ କହିଥିଲେ, ମଣ୍ଟୁ ଅଚେତ ଅବସ୍ଥାରେ ଅଫିସ ଛାତ ଉପରେ ପଡିଥିଲେ। ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ଆଣିଥିଲେ ମଧ୍ୟ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟରେ ମଣ୍ଟୁଙ୍କ ମୃତ୍ୟୁ ଏବେ ରହସ୍ୟ ଘେରରେ ରହିଛି। ଏନେଇ ପୋଲିସ କିଛି ପାଟି ଫିଟାଉ ନ ଥିବାରୁ ସନ୍ଦେହ ଉପୁଜିଛି। ଏନେଇ ଥାନା ଅଧିକାରୀ ରଶ୍ମୀରଞ୍ଜନ ମହାପାତ୍ର କହିଛନ୍ତି, ଏବେ କିଛି କହିହେବ ନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ।

## ଭିଙ୍ଗାରପୁରରେ ଦୟଣା ଚୋରି ମେଳଣ

ବାଲିଅନ୍ତା, ୧୮।୪ (ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ଅଞ୍ଚଳରେ ପ୍ରସିଦ୍ଧ ଦୟଣା ଚୋରି ମେଳଣ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ୪ଦିନ ଧରି ଚାଲିବ। ବୁଧବାର ବିଳମ୍ବିତ ରାତିରେ ପ୍ରଭୁ ରାମକୃଷ୍ଣଙ୍କ ଚଳନ୍ତି ବିଗ୍ରହକୁ ରୋଷଣୀରେ ମନ୍ଦିରରୁ ମେଳଣ ପଡ଼ିଆ ଅଭିମୁଖେ ଅଣାଯାଇଥିଲା। ମେଳଣ ପଡ଼ିଆରେ ରାମକୃଷ୍ଣଙ୍କ ସୁସଜ୍ଜିତ କୁଞ୍ଜୀ ସ୍ଥାୟୀ ମଣ୍ଡପରେ ବିଜେ କରିଥିଲେ। ସେପଟେ ଠାକୁରଙ୍କୁ ଲାଗି ପାଇଁ ପୁରୀର ଏକ ମଠରୁ ଆସିଥିବା ଦୟଣା ଗଛ ମେଳଣ ପଡ଼ିଆସ୍ଥିତ ଅସ୍ଥାୟୀ ବଗିଚାରେ ରଖାଯାଇଥିଲା। ଦୟଣା ଗଛ ବାସ୍ନାରେ ଆକର୍ଷିତ ହୋଇ ପ୍ରଭୁ ରାମକୃଷ୍ଣ ବଗିଚାରୁ ଦୟଣା ନେଇ ଆସିଥିଲେ।




### ନଦୀରୁ ଅଚିହ୍ନା ମୃତଦେହ ଉଦ୍ଧାର

କଟକ ସଦର, ୧୮।୪ (ଡି.ଏନ୍.ଏ.): ୪୨ ମୌଜା ଫାଣ୍ଡି ଅଧୀନ କୋଡ଼ିପାଳ ନିକଟ ସିଡୁଆ ନଦୀରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ବୟସ ପ୍ରାୟ ୪୦ ବର୍ଷ ହେବ। ପାଣିରେ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇଥିଲା।




## ■ ରେଭେନ୍ସାରେ ଛାତ୍ରୀଙ୍କୁ ର୍ୟାଗିଂ ଘଟଣା

# ୧୪ ଦିନ ପୂରିଲା: ଦଣ୍ଡାଦେଶ ମାନିଲେନି

**କଟକ ଅଫିସ,୧୮।୪**

ରେଭେନ୍ସା ବିଶ୍ୱବିଦ୍ୟାଳୟର କାଠଯୋଡ଼ି ହଷ୍ଟେଲରେ ଘଟିଥିବା ଛାତ୍ରୀ ର୍ୟାଗିଂ ଘଟଣାର ତଦନ୍ତ ରିପୋର୍ଟ ଗତ ୫ ତାରିଖରେ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ନିକଟରେ ବିଶ୍ୱବିଦ୍ୟାଳୟର ଆଣ୍ଟି ର୍ୟାଗିଂ ସେଲ୍ ପକ୍ଷରୁ ଦାଖଲ କରାଯାଇଥିଲା। ଉଭୟ ପକ୍ଷକୁ ନେଇ ତଦନ୍ତ କରାଯିବା ପରେ ଏହା ର୍ୟାଗିଂ ନୁହେଁ ବରଂ ଝଗଡ଼ା ବୋଲି ସେଲ୍ ପକ୍ଷରୁ ୟୁଜିସିକୁ ସ୍ପଷ୍ଟ କରାଯାଇଥିଲା। ଦଣ୍ଡ ସ୍ୱରୂପ ଉଭୟ ପକ୍ଷର ଛାତ୍ରୀଙ୍କୁ ନୋଟିସ ଜାରି କରାଯାଇଥିଲା। ର୍ୟାଗିଂର ଅଭିଯୋଗ ଉଠାଇଥିବା ଉଦ୍ଭିଦ ବିଜ୍ଞାନର ସ୍ନାତକ ତୃତୀୟ ବର୍ଷର ଛାତ୍ରୀଙ୍କୁ ୧୦୦୦ ଟଙ୍କାର ଜରିମାନା ଦଣ୍ଡାଦେଶ ପ୍ରଦାନ କରାଯାଇଥିବାବେଳେ ଅଭିଯୁକ୍ତ ତଥା ଏମ୍‌ଫିଲ ଛାତ୍ରୀଙ୍କୁ କାଠଯୋଡ଼ି ହଷ୍ଟେଲରୁ କଢ଼ାଯାଇ ଅନ୍ୟ ହଷ୍ଟେଲରେ ଅବସ୍ଥାପିତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟରେ ପରିଣତ କରିବା ପାଇଁ ନୋଟିସରେ ଉଲ୍ଲେଖ ମଧ୍ୟ କରାଯାଇଥିଲା। ହେଲେ ଦଣ୍ଡାଦେଶକୁ ଇତିମଧ୍ୟରେ ୧୪ଦିନ ପୂରଣ ହେଲାଣି। ଉଭୟ ଛାତ୍ରୀ ଏହି ଦଣ୍ଡାଦେଶକୁ ମାନି ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ର୍ୟାଗିଂ ଅଭିଯୋଗ ଉଠାଇଥିବା ଛାତ୍ରୀଙ୍କୁ ୟୁଜିସିର ଆଣ୍ଟି ର୍ୟାଗିଂ ସେଲ୍ ପକ୍ଷରୁ ଫୋନ୍ କଲ୍ ଆସିଥିଲା। ତଦନ୍ତ ଠିକ୍ ଭାବେ ହୋଇନାହିଁ ବୋଲି ଛାତ୍ରୀ ଜଣକ ୟୁଜିସିରେ ଫେରାଦ ହେଇଛନ୍ତି। ଏ ସମ୍ପର୍କରେ କୁଳସଚିବ ଅଶୋକ କୁମାର ଦାଶଙ୍କୁ ପଚାରିବାରୁ ସେ କହିଥିଲେ, କାର୍ଯ୍ୟାନୁଷ୍ଠାନ କାର୍ଯ୍ୟରେ ପରିଣତ ହୋଇଛି କି ନାହିଁ ସେ ସମ୍ପର୍କରେ କୌଣସି ସୂଚନା ମୋ ନିକଟରେ ନାହିଁ। ଏ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

ସୂଚନାଥାଉ କି, କାଠଯୋଡ଼ି ହଷ୍ଟେଲରେ ରହୁଥିବା ବାଣିଜ୍ୟ ବିଭାଗର ଜଣେ ଏମ୍‌ଫିଲ ଛାତ୍ରୀ ଗତ ମାର୍ଚ୍ଚ ୩୦ରେ ଉଦ୍ଭିଦ ବିଜ୍ଞାନର ସ୍ନାତକ ତୃତୀୟ ବର୍ଷର ଛାତ୍ରୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଜୁନିୟରମାନଙ୍କୁ ଗାଳି କରୁଥିବା ଏମ୍‌ଫିଲ ଛାତ୍ରୀଙ୍କୁ ରୋକିବା ବେଳେ ସେ ର୍ୟାଗିଂର ଶିକାର ହୋଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଏ ନେଇ ର୍ୟାଗିଂର ଶିକାର ଛାତ୍ରୀ ୟୁଜିସି ନିକଟରେ ଅଭିଯୋଗ କରିଥିଲେ। ନ୍ୟାୟ ମିଳିବା ଦାବିରେ କୁଳସଚିବଙ୍କ କାର୍ଯ୍ୟାଳୟ ମଧ୍ୟ ଦୁଇଦିନ ଧରି ଘେରାଉ କରାଯାଇଥିଲା। ପରେ କୁଳସଚିବଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଏହି ବୈଠକରେ ହୋଇଥିବା ନିଷ୍ପତ୍ତିରେ ଛାତ୍ରୀମାନେ ରାଜି ନ ହେବା ଫଳରେ ଘଟଣା ବିଶ୍ୱବିଦ୍ୟାଳୟର ଆଣ୍ଟି ର୍ୟାଗିଂ ସେଲ୍‌କୁ ଯିବା ସହ ତଦନ୍ତ କରାଯାଇ ଦଣ୍ଡାଦେଶ ମିଳିଥିଲା।

### ତଦନ୍ତକୁ ନେଇ ୟୁଜିସିରେ ଫେରାଦ ହେଲେ ଛାତ୍ରୀ



## ■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଅବସରପ୍ରାପ୍ତ କନିଷ୍ଠ ଯନ୍ତ୍ରୀ ଦଣ୍ଡିତ

**କଟକ ଅଫିସ, ୧୮।୪**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳକରି ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି ଅବସରପ୍ରାପ୍ତ କନିଷ୍ଠଯନ୍ତ୍ରୀ ନିର୍ମଳ କୁମାର ବେଉରା। ସେ ନୂଆପଡ଼ା ଜିଲା କୋମନା ବ୍ଲକରେ କାର୍ଯ୍ୟ କରୁଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ବେଉରାଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୫/୧୯୯୬) ରୁଜୁ ହୋଇଥିଲା। ଆଗତ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣିକରି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ବେଉରାଙ୍କୁ ୩ ବର୍ଷ ଜେଲ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବେଉରା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ନିକଟରେ ସୂଚନା ପହଞ୍ଚିଥିଲା। ଏହି ସୂଚନାକୁ ଆଧାରକରି ଭିଜିଲାନ୍ସ ପକ୍ଷରୁ ୧୯୯୬ ଜାନୁୟାରୀ ୨୩ ତାରିଖରେ ବେଉରାଙ୍କ ଘର, ଅଫିସ ଆଦି ସ୍ଥାନ ଯାଞ୍ଚ କରାଯାଇଥିଲା। ମାମଲାର ତଦନ୍ତ କରାଯିବା ପରେ ସେ ମୋଟ୍ ୪ ଲକ୍ଷ ୫୦ହଜାର ୭୧୪ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଚାର୍ଜଶିଟ୍‌ରେ ଦର୍ଶାଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ପିପି ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରୁଥିଲେ।




## ■ ଯୁବକଙ୍କୁ ଗଛରେ ବାନ୍ଧି ପିଟିବା ଘଟଣା

# ଓଏଚ୍ଆର୍‌ସିରେ ଅଭିଯୋଗ

**କଟକ ଅଫିସ, ୧୮।୪**

ବାଙ୍କୀ ଥାନା ଅଧୀନ ବାଉଁଶପୁଟ ପଞ୍ଚାୟତ ପାଳପୁଟ ଗାଁଦାଣ୍ଡର ଏକ ନଡ଼ିଆଗଛରେ ଗତ ମାର୍ଚ୍ଚ ୨୪ ତାରିଖରେ କେତେଜଣ ଯୁବକ ଟିଲୁ ପାତ୍ର(୧୮)ଙ୍କୁ ବାନ୍ଧି ନିଘୁଞ୍ଚ ପିଟିଥିଲେ। ଲୁହାଛଡ଼ରେ ଟିଲୁଙ୍କୁ ଅମାନୁଷିକ ଭାବେ ପିଟିବା ସହିତ ତାଙ୍କ ପାଦରେ ଶାବଳ ପକାଇ ଚଢିଯାଇଥିଲେ। ଏହାପରେ ମଧ୍ୟ ସେମାନଙ୍କ ରାଗ ଶାନ୍ତ ହୋଇ ନ ଥିଲା। ଲୁହା ହାମରରେ ଟିଲୁଙ୍କ ଆଣ୍ଠୁଠାରୁ ପାଦ ପର୍ଯ୍ୟନ୍ତ ଛେଚିବା ସହିତ ଲୁହାଛଡ଼ରେ ମୁଣ୍ଡକୁ ଫଟାଇ ରକ୍ତାକ୍ତ କରିଦେଇଥିଲେ। ଯୁବକମାନଙ୍କ ସଂଘବଦ୍ଧ ମାଡ଼ରେ ଟିଲୁଙ୍କ ମୁଣ୍ଡରୁ ରକ୍ତ ବୋହି ଆଖି, କାନ ଓ ନାକରେ ପଶି ଶ୍ୱାସରୁଦ୍ଧ ଅବସ୍ଥା ହୋଇଥିଲା। ପ୍ରାଣବିକଳରେ ଟିଲୁ ଚିତ୍କାର କରୁଥିବାବେଳେ ଆକ୍ରମଣକାରୀମାନେ ତାଙ୍କର ଏହି ଦୃଶ୍ୟକୁ ମୋବାଇଲରେ ରେକର୍ଡିଂ କରୁଥିଲେ। ଉକ୍ତ ରେକର୍ଡିଂକୁ ତାଙ୍କୁ ଦେଖାଇ ପୁନର୍ବାର ମାଡ଼ ମାରୁଥିଲେ। ସେହି ସମୟରେ ଟିଲୁ ପାଣି ମୁନ୍ଦାଏ ମାଗୁଥିଲେ। ହେଲେ ଏହି ଯୁବକମାନେ ପାଣି ପିଇବାକୁ ନ ଦେଇ ତାଙ୍କ ମୁଣ୍ଡରେ ପାଣି ଢାଳି ମୁହଁରେ ବୋହୁଥିବା ରକ୍ତମିଶା ପାଣିକୁ ଜିଭରେ ଚାଟି ପିଇବାକୁ ତାଙ୍କୁ କହିଥିଲେ। ଏହାପରେ ଟିଲୁ ଚେତାଶୂନ୍ୟ ହୋଇଯାଇଥିଲେ। ଗାଁ ଦାଣ୍ଡରେ ବହୁ ମୁରବି, ସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥାଇ ଏହି ଦୃଶ୍ୟକୁ ଦେଖି ସେମାନେ ନୀରବଦ୍ରଷ୍ଟା ସାଜିଥିଲେ। ସେହି ରାସ୍ତାରେ ଯାଉଥିବା ଜଣେ ସାଧାରଣ ଯୁବକ ଏହି ହିଂସ୍ର ଯୁବକମାନଙ୍କ ଗୋଡ଼ ଧରି ତାଙ୍କୁ ଛାଡ଼ିଦେବା ପାଇଁ ଅନୁରୋଧକରି ସେ ମଧ୍ୟ ମାଡ଼ ଖାଇଥିଲେ। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗଛରୁ ଦଉଡି ଖୋଲିବା ପରେ ପୋଲିସ ଜିପ୍‌ରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ହୋଲି ରଙ୍ଗ ଖେଳକୁ ନେଇ ଏହି ଘଟଣାଟି ଘଟିଥିଲା। ଏହି ହୃଦୟବିଦାରକ ଘଟଣାକୁ ଦୀର୍ଘ ୨୫ ଦିନ ବିତି ଯାଇଥିଲେ ମଧ୍ୟ ଆକ୍ରମଣକାରୀମାନେ ଗ୍ରାମରେ ମୁକ୍ତ ଭାବେ ଗାଁଦାଣ୍ଡରେ ବୁଲୁଛନ୍ତି। ମାତ୍ର ପୋଲିସ ସେମାନଙ୍କୁ ଗିରଫ କରୁନାହିଁ। ଫଳରେ ପୋଲିସ ଉପରୁ ଭରସା ତୁଟାଇ ମାନବାଧିକାର କର୍ମୀ ମନୋଜ କୁମାର ପଣ୍ଡା ଗୁରୁବାର ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍‌ସି)ରେ ଅଭିଯୋଗ ଦାଖଲ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ପଣ୍ଡା କମିଶନରେ ନିବେଦନ କରିଛନ୍ତି। ତେବେ ଏ ସମ୍ପର୍କରେ ବାଙ୍କୀ ଥାନା ଆଇଆଇସି ସମୀର କୁମାର ପଣ୍ଡାଙ୍କୁ ପଚାରିବାରୁ ଏଭଳି ଘଟଣା ତାଙ୍କର ମନେ ନ ଥିବା କହିଥିଲେ। ଥାନାରୁ ଘଟଣାର ସତ୍ୟାସତ୍ୟ ବୁଝି କହିବେ ବୋଲି ଆଇଆଇସି ପଣ୍ଡା ସୂଚନା ଦେଇଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



❝ ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ହିସାବ ତଦାରଖ

**ବାଙ୍କୀ, ୧୮।୪ (ବି.ପ୍ର): ** ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନରେସଜୀ ଗୁରୁବାର ବାଙ୍କୀ ଗସ୍ତରେ ଆସି ଏହି ନିର୍ବାଚନମଣ୍ଡଳୀର ବିଭିନ୍ନ ବିଧାୟକ ପ୍ରାର୍ଥୀମାନଙ୍କ ଖର୍ଚ୍ଚ ତଦାରଖ କରିଛନ୍ତି। ନିର୍ବାଚନ ଖର୍ଚ୍ଚ ତଦାରଖ ନିମନ୍ତେ ସେ ୨ୟ ଥର ପାଇଁ ବାଙ୍କୀ ଗସ୍ତରେ ଆସିଥିବା ବେଳେ ଏହି କାର୍ଯ୍ୟରେ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅଖିଳ କୁମାର ସାହୁ ତାଙ୍କୁ ସହଯୋଗ କରିଥିଲେ। ଏହି ଅବସରରେ ସମସ୍ତ ପ୍ରାର୍ଥୀଙ୍କ ରେଜିଷ୍ଟର ଓ ବ୍ୟାଙ୍କ ଆକାଉଣ୍ଟ ତନଖି କରାଯାଇଥିଲା। ପରେ ଏନେଇ ଏକ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ, ସରୋଜ ସାହୁ, ପ୍ରକାଶ ବେଉରା, ରଘୁନାଥ ପୃଷ୍ଟି, ଧୀରେନ କୁମାର ମଙ୍ଗରାଜ ଓ ସଂଗ୍ରାମ କେଶରୀ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ।

### ତାଳବସ୍ତ ଗ୍ରାମରେ କଂଗ୍ରେସର ଜୋର୍‌ଦାର ପ୍ରଚାର



**ବାଙ୍କୀ, ୧୮।୪(ସ୍ୱ.ପ୍ର.): ** କଂଗ୍ରେସ ବାଙ୍କୀରେ କ୍ଷମତାକୁ ଆସିବା ପାଇଁ ପ୍ରଚାର ଅଭିଯାନକୁ ଜୋର୍‌ଦାର କରିଛି। ଗୁରୁବାର ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଗ୍ରାମରେ କଂଗ୍ରେସ ପ୍ରାର୍ଥୀ ଡ.ଦେବାଶିଷ ପଟ୍ଟନାୟକଙ୍କ ସ୍ତ୍ରୀ ଈପ୍‌ସିତା ଶତପଥୀ ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ତାଳବସ୍ତ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସେ କହିଥିଲେ ଯେ, ୨୦୦୪ ମସିହାରେ ଡ.ପଟ୍ଟନାୟକ ଏହି ଆସନରୁ ବିଧାୟକ ହେବା ପରେ ଅଞ୍ଚଳର ବହୁବିଧ ଉନ୍ନତି ହୋଇଥିଲା। ମାତ୍ର ପରେ ବାଙ୍କୀରେ ବିକାଶ କାର୍ଯ୍ୟ ପଛରେ ପଡିଯାଇଛି। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ନୂତନ ବାଙ୍କୀ ଗଢ଼ିତୋଳିବା ପାଇଁ କଂଗ୍ରେସକୁ ଭୋଟଦେବା ପାଇଁ ସେ କହିଥିଲେ। ତାଙ୍କର ଏହି ପ୍ରଚାର ସମୟରେ ତାଳବସ୍ତ ଗ୍ରାମର ବହୁ ମହିଳା ସାମିଲ ହୋଇଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ସାଲେପୁର, ୧୮।୪ (ଡ଼ି.ଏନ୍.ଏ.): ** ସାଲେପୁର ବ୍ଲକ୍ ଅଧୀନକ ପୁରୁଷୋତ୍ତମପୁରସ୍ଥିତ ମା' କନକଦୁର୍ଗାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ବାସନ୍ତୀ ଦୁର୍ଗାପୂଜା ବୁଧବାର ରାତିରେ ପୂର୍ଣ୍ଣାହୁତି ପରେ ଉଦ୍‌ଯାପିତ ହୋଇଯାଇଛି। ଏହି ସମୟରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ୫ଦିନ ବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଙ୍କୁରାରୋପଣ, ବେଲ୍ୱାଧିବାସ, ଅଗ୍ନିସ୍ଥାପନ, ଯଜ୍ଞାହୁତି ସମେତ ମା' ବାସନ୍ତୀଙ୍କ ଅଷ୍ଟମୀ, ନବମୀ ଓ ଦଶମୀ ପୂଜା ବିଧି ଅନୁସାରେ ସମ୍ପନ୍ନ ହୋଇଥିଲା। ଯଜ୍ଞ କାର୍ଯ୍ୟରେ ରଞ୍ଜନ କୁମାର ଦାଶ କର୍ତ୍ତା ଭାବେ ପୂଜାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୁଣ୍ଡିନଗର, ପୁରୁଷୋତ୍ତମପୁର ଓ ଆଖପାଖ ଅଞ୍ଚଳର ଲୋକେ ପରିଚାଳନା କରିଥିଲେ।

### ବାଙ୍କୀ ଭାଜପାର ମୋବାଇଲ୍ ଆପ

**ବାଙ୍କୀ,୧୮।୪(ସ୍ୱ.ପ୍ର.): ** ସାଧାରଣ ଭୋଟର କେଉଁ ମତଦାନ କେନ୍ଦ୍ରରେ ଭୋଟ ଦେବେ, ମତଦାତାଙ୍କ କ୍ରମିକ ସଂଖ୍ୟା, ପରିବାରର ଅନ୍ୟସଦସ୍ୟଙ୍କ ବିବରଣୀ ଜାଣିବା ପାଇଁ ଭୋଟର ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଲକ୍ଷ୍ୟ କରି ଓଡ଼ିଶାରେ ପ୍ରଥମ କରି ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ ଏକ ମୋବାଇଲ୍ ଆପ୍ ମାଧ୍ୟମରେ ଭୋଟରଙ୍କୁ ସୂଚନା ଦେଉଛନ୍ତି। ଏହାର ସୁଫଳ ବାଙ୍କୀ ବିଧାନସଭା କ୍ଷେତ୍ରର ୨ ଲକ୍ଷ ୩ ହଜାର ୫୧୫ଭୋଟରଙ୍କ ପାଖରେ ପହଞ୍ଚାଇବା ପାଇଁ ୨୩୬ ବୁଥ୍‌ରେ ପ୍ରାୟ ୧୫ରୁ ଅଧିକ ବୈଷୟିକ କର୍ମୀଙ୍କ ସହାୟତାରେ ପାଢ଼ୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ଆଇଟି ବିଶେଷଜ୍ଞ ସତେନ୍ଦୁ ନାୟକଙ୍କ ସହାୟତାରେ ନିର୍ମିତ ଆପରେ ଭୋଟର ନିଜ ତଥ୍ୟ ପାଇବା ପାଇଁ ଗ୍ରାମ ଅନୁସାରେ, ବୁଥ ଅନୁସାରେ, ବୟସ ଅନୁସାରେ କିମ୍ବା ମୋବାଇଲ ନମ୍ବର ଅନୁସାରେ ବିବରଣୀ ଖୋଜି ପାଇ ପାରିବେ। ପ୍ରାରମ୍ଭିକ ଭାବେ ପାଢ଼ୀ ଓ ତାଙ୍କ ସହଯୋଗୀ ଏକ ମିନି ପ୍ରିଣ୍ଟର ଯୋଗେ ଘରଘର ବୁଲି ଭୋଟରଙ୍କୁ ସୂଚନା ପ୍ରଦାନ କରୁଛନ୍ତି। ଭୋଟରଙ୍କ ମନକିଣିବା ପାଇଁ ଶୁଭ୍ରାଂଶୁଙ୍କ ଏହି ପ୍ରୟାସକୁ ଜନସାଧାରଣ ଖୁବ୍ ପସନ୍ଦ କରୁଛନ୍ତି।

■ ବାଙ୍କୀ, ବଡ଼ମ୍ବାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା

# ଚାଷୀଙ୍କୁ କାଳିଆ ଟଙ୍କାରୁ କେହି ବଞ୍ଚିତ କରିପାରିବେନି

**ବାଙ୍କୀ/ବଡ଼ମ୍ବା, ୧୮।୪ (ସ୍ୱ.ପ୍ର./ବି.ପ୍ର./ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ବାଙ୍କୀ ଓ ବଡ଼ମ୍ବା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ବାଙ୍କୀ କଚେରି ପଡିଆଠାରେ ଆୟୋଜିତ ଜନ ସମାବେଶରେ ସେ କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ବାଙ୍କୀ ବିଧାନସଭା ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀଙ୍କୁ ବିଜୟୀ କରାଇବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, କାଳିଆ ଟଙ୍କା ପାଇବାରୁ ଚାଷୀଙ୍କୁ କେହି ବଞ୍ଚିତ କରିପାରିବେ ନାହିଁ। ଚଳିତ ନିର୍ବାଚନରେ ଲୋକେ ବିଜେଡିକୁ ବିଜୟୀ କରାଇଲେ ସରକାର ଗଠନର ପ୍ରଥମ ଦିନରେ ହିଁ ଏହି ଯୋଜନାରେ ବାକିଥିବା ୨୫ଲକ୍ଷ ଚାଷୀଙ୍କୁ ଏକାଥରେ ୨ଟି କିସ୍ତିର ୧୦ହଜାର ଟଙ୍କା ପ୍ରଦାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏପର୍ଯ୍ୟନ୍ତ ଏହି ଯୋଜନା ଜରିଆରେ ୪୦ଲକ୍ଷ ଚାଷୀ ଉପକୃତ ହେଲେଣି। ନାରୀ ସଶକ୍ତୀକରଣ ଉପରେ ତାଙ୍କ ସରକାର କରିଥିବା କାର୍ଯ୍ୟର ବିବରଣୀ ପ୍ରଦାନ କରି ସେ କହିଲେ ଯେ ବିକାଶର ପ୍ରକୃତ ଡବଲ ଇଞ୍ଜିନ ମହିଳାଙ୍କ ସଶକ୍ତୀକରଣ ପାଇଁ ପ୍ରତିବଦ୍ଧ। ଏଥିପାଇଁ ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଉଛି।



ବାଙ୍କୀ କଚେରି ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦୁଇ ପ୍ରାର୍ଥୀ ଓ ଅନ୍ୟମାନେ।

ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମିଶନ ଶକ୍ତିକୁ ୫ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି କେ.ଜିରୁ ପି.ଜି ପର୍ଯ୍ୟନ୍ତ ମାଗଣା ବାଳିକା ଶିକ୍ଷା ଦିଆଯିବା ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୦ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ଓ ଝିଅ ବାହାଘର ପାଇଁ ୨୫ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି। ବିଜେଡି ସରକାର ପୁଣି କ୍ଷମତାକୁ ଆସିଲେ ଏସବୁ ଯୋଜନା ଚାଲୁ ରହିବ ବୋଲି ସେ କହିଥିଲେ। ଏହି ଅବସରରେ ସେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପ୍ରସଙ୍ଗ ଉଠାଇ ରାଜ୍ୟର ୨ କେନ୍ଦ୍ରମନ୍ତ୍ରୀଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଥିଲେ। କେନ୍ଦ୍ର ସରକାର ଓଡ଼ିଶାପ୍ରତି ଅବହେଳା କରୁଥିବା ଦର୍ଶାଇ ସେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସମାବେଶରେ ଏମ୍‌ପି ପ୍ରାର୍ଥୀ ମହତାବ ଓ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ବାଙ୍କୀରେ ବିଗତ ୨୦ବର୍ଷରେ ହୋଇଥିବା ବିକାଶର ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୁବାସ ଚନ୍ଦ୍ର ପାଢ଼ୀ, ସନ୍ତୋଷ ରଣା, ପ୍ରଣବ ପଟେଲ୍ ଓ ସନାତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ବଡ଼ମ୍ବାସ୍ଥିତ ଟେନିସ ପଡ଼ିଆରେ ଆୟୋଜିତ ସଭାରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ଦେବୀ ପ୍ରଦାସ ମିଶ୍ର ଓ ଏମ୍‌ପି ପ୍ରାର୍ଥୀ ମହତାବଙ୍କ ପାଇଁ ପ୍ରଚାର କରିଥିଲେ। କାର୍ଯ୍ୟକ୍ରମରେ ନରସିଂହପୁର ବ୍ଲକ ଅଧ୍ୟକ୍ଷ କିଶୋର ମିଶ୍ର, ବଡ଼ମ୍ବା ବ୍ଲକ୍ ଅଧ୍ୟକ୍ଷା ଅନୁସୂୟା ନାୟକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରକୁମାର ସାହୁ ଓ ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ ସରୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କୌଣସି ପ୍ରଭାବ ପଡ଼ିବନାହିଁ : ଦେବାଶିଷ

**ବାଙ୍କୀ,୧୮।୪(ସ୍ୱ.ପ୍ର.): ** ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ବାଙ୍କୀ ଗସ୍ତକୁ କଂଗ୍ରେସ ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ କଡ଼ା ସମାଲୋଚନା କରିବା ସହିତ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ବାଙ୍କୀବାସୀ ସଚେତନ ହୋଇସାରିଲେଣି। କଳଙ୍କିତ ଶାସନ ହଟାଇବାକ ସେମାନେ ମନସ୍ଥ କରିଛନ୍ତି। ୨୦୧୪ ନିର୍ବାଚନର ଠିକ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ବାଙ୍କୀ ଆସି ବସଷ୍ଟାଣ୍ଡ ଓ କଲ୍ୟାଣ ମଣ୍ଡପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ବସଷ୍ଟାଣ୍ଡ ପାଇଁ ଇଟାଖଣ୍ଡିଏ ପଡ଼ିଲା ନାହିଁ। କଲ୍ୟାଣମଣ୍ଡପ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ତେଣୁ ବାଙ୍କୀକୁ ମୁଖ୍ୟମନ୍ତ୍ରୀ କେତେ ଭଲପାଆନ୍ତି ତାହା ଜଣାପଡୁଛି। ବାଙ୍କୀ ଏକ କୃଷିଭିତ୍ତିକ ଅଞ୍ଚଳ ହୋଇଥିବାବେଳେ ଜଳସେଚନକୁ ବିଜେଡି ସରକାର ସମ୍ପୂର୍ଣ୍ଣ ଅକାମୀ କରିଦେଇଛି। ଚାଷୀଙ୍କ ପାଇଁ ଥିବା ଶୀତଳଭଣ୍ଡାର ଭୂତକୋଠିରେ ପରିଣତ ହୋଇଛି। ସେ ବିଧାୟକ ଥିବାବେଳେ ବାଙ୍କୀ - ତ୍ରିଶୂଳିଆ ରାସ୍ତା ଉଚ୍ଚାକରିବା ସହିତ ଜାତମୁଣ୍ଡିଆ-ସୁବର୍ଣ୍ଣପୁର ସେତୁ କାମ ଆରମ୍ଭ କରିଥିଲେ। କିନ୍ତୁ ଶାସକ ଦଳ ମିଛ କହି ବାହା ବାହା ନେବାକୁ ଚେଷ୍ଟା କରୁଛି। ଶିକ୍ଷା ବ୍ୟବସ୍ଥାକୁ ସ୍ଥାନୀୟ ପ୍ରତିନିଧି ଉଜାଡି ଦେଇଥିବା କହି ସେ ବାଙ୍କୀ କଲେଜର ଉଦାହରଣ ଦେଇଛନ୍ତି। ତେଣୁ ବାଙ୍କୀର ବିକାଶ ପାଇଁ କଂଗ୍ରେସକୁ ଭୋଟ ଦେବାକୁ ଦେବାଶିଷ ଅନୁରୋଧ କରିଛନ୍ତି।

## ଭଡା ବଣ୍ଟନକୁ ନେଇ ଉତ୍ତେଜନା

**ନିଶ୍ଚିନ୍ତକୋଇଲି, ୧୮।୪(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଓରତି ପଞ୍ଚାୟତରେ ଭତ୍ତା ବଣ୍ଟନକୁ ନେଇ ଗୁରୁବାର ଉତ୍ତେଜନା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ପଞ୍ଚାୟତ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ନିର୍ବାଚନ କାର୍ଯ୍ୟରେ ଯାଇଥିବାରୁ ତାଙ୍କ ସ୍ଥାନରେ ମହମ୍ମଦପୁର ପଞ୍ଚାୟତର ଜିଆରଏସ ରଞ୍ଜନ ବେହେରା ଓରତି ପଞ୍ଚାୟତର ଭତ୍ତା ବଣ୍ଟନ ଦାୟିତ୍ୱରେ ଥିଲେ। ଗୁରୁବାର ସକାଳୁ କିଛି ଲୋକ ଭତ୍ତା ନେବା ପାଇଁ ଓରତି ପଞ୍ଚାୟତକୁ ଆସିଥିଲେ। ଏହି ସମୟରେ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ବେହେରା ସେମାନଙ୍କୁ ଚିହ୍ନି ନ ପାରି ହିତାଧିକାରୀ ଚିହ୍ନଟ ପରେ ଭତ୍ତା ଟଙ୍କା ଘରେ ଦିଆଯିବ କହିଥିଲେ। ଫଳରେ ଭତ୍ତା ନେବା ପାଇଁ ଆସିଥିବା ଲୋକେ ପାଟିତୁଣ୍ଡ କରିଥିଲେ। ଖବରପାଇ ସରପଞ୍ଚ ବିଭୁତି ଭୂଷଣ ଷଣ୍ଢ ଘଟଣା ସ୍ଥଳରେ ପହଞ୍ଚି ଏହାର ସମାଧାନ କରିଥିଲେ। ଏହାପରେ ବେହେରା ଘରଘର ବୁଲି ଭତ୍ତା ଟଙ୍କା ବାଣ୍ଟିଥିଲେ।

## କଂଗ୍ରେସ ସପକ୍ଷରେ ଭୋଟ ଦେବା ପାଇଁ ସିପିଆଇର ସଭା

**ସାଲେପୁର, ୧୮।୪ (ଡ଼ି.ଏନ୍.ଏ)**

ସାଲେପୁର ବ୍ଲକ୍ ଅଧୀନ ମୁତାରିଙ୍ଗା ପଞ୍ଚାୟତରେ ଗୁରୁବାର ସିପିଆଇ ତଥା ବାମପନ୍ଥୀ ଦଳ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସିପିଆଇ ନେତା ତଥା ମୁତାରିଙ୍ଗା ପଞ୍ଚାୟତ ସମିତି ସଭ୍ୟ ଉଦୟକେଶରୀ ବର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କଂଗ୍ରେସ ସପକ୍ଷରେ ଭୋଟ ଦେବାପାଇଁ ସିପିଆଇ କର୍ମୀମାନଙ୍କୁ ନିବେଦନ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ତଥା ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଓ ସାଲେପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ରନାଥ କର ଯୋଗଦେଇଥିଲେ। ବାମପନ୍ଥୀ ଦଳର କର୍ମୀମାନେ କଂଗ୍ରେସକୁ ସମର୍ଥନ କରୁଥିବାରୁ ଉଭୟ ପ୍ରାର୍ଥୀ ଉପସ୍ଥିତ କର୍ମୀମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ସିପିଆଇ ନେତା ତ୍ରୈଲୋକ୍ୟ ନାଥ, ଅସଲମ୍ ଖାଁ, ଆୟୁବ୍ ଅହମ୍ମଦ୍, ମୋଜାଇନ୍ଦ୍ ଖାଁ, ବୈକୁଣ୍ଠ ନାୟକ ଓ କଂଗ୍ରେସ ନେତା କୋର୍ବାନ୍ ଖାଁଙ୍କ ସମେତ ବହୁ କଂଗ୍ରେସ ଓ ବାମପନ୍ଥୀ ଦଳର କର୍ମୀମାନେ ଉପସ୍ଥିତ ଥିଲେ।

## ମତଦାନ ପାଇଁ ୧୨ ପରିଚୟ ପତ୍ର ମଧ୍ୟରୁ ଗୋଟିଏ ଜରୁରୀ

**ଆଠଗଡ଼ ୧୮।୪(ସ୍ୱ.ପ୍ର.)**

ଚଳିତ ସାଧାରଣ ନିର୍ବାଚନକୁ ନିରପେକ୍ଷ, ତ୍ରୁଟିଶୂନ୍ୟ କରିବା ଲାଗି ଭାରତର ନିର୍ବାଚନ ଅଧିକାରୀ କେତେଗୁଡିଏ ପଦକ୍ଷେପ ନେଇଛନ୍ତି। ଭୋଟରମାନଙ୍କୁ ସେମାନଙ୍କ ମତଦାନ ସାବ୍ୟସ୍ତ କରିବା ପାଇଁ ଦେଶରେ ପ୍ରଚଳିତ ୧୨ଟି ଫଟୋ ପରିଚୟ ମଧ୍ୟରୁ ଯେକୌଣସି ଗୋଟିଏ ପରିଚୟ ପତ୍ର ନିତ୍ୟାନ୍ତ ଆବଶ୍ୟକ ବୋଲି ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଫଟୋ ଲଗା ପରିଚୟ ପତ୍ର ବିନା କୌଣସି ଭୋଟରଙ୍କୁ ଭୋଟ ଦେବା ଲାଗି ସୁଯୋଗ ଦିଆଯିବ ନାହିଁ ବୋଲି ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ମତଦାନ ପାଇଁ କେବଳ ଚିରିକୁଟି କିମ୍ବା ଫଟୋ ଭୋଟର ସ୍ଲିପ ଯଥେଷ୍ଟ ନୁହେଁ। ଏଥିପାଇଁ ନିର୍ବାଚନ ଅଧିକାରୀ ସ୍ୱୀକୃତି ଦେଇଥିବା ଫଟୋ ପରିଚୟ ପତ୍ର ନେବା ଆବଶ୍ୟକ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଏହି ଫଟୋ ପରିଚୟ ପତ୍ରଗୁଡିକ ମଧ୍ୟରେ ଭୋଟର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ଫଟୋ ସଂଲଗ୍ନ ଥିବା ସରକାରୀ ଚାକିରୀ କ୍ଷେତ୍ରର ପରିଚୟ ପତ୍ର, ଫଟୋ ସଂଲଗ୍ନ ଥିବା ବ୍ୟାଙ୍କ ଓ ପୋଷ୍ଟ ଅଫିସ ପାସବୁକ, ଶ୍ରମ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ, ଏମ୍‌ପି ଓ ବିଧାୟକଙ୍କୁ ଦିଆଯାଇଥିବା ସରକାରୀ ପରିଚୟ ପତ୍ର, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଜବ୍ କାର୍ଡ, ଫଟୋ ଥିବା ପେନସନ୍ ଦସ୍ତାବିଜ, ଏନପିଆର ସ୍ମାର୍ଟ କାର୍ଡ, ପାସପୋର୍ଟ, ପାନକାର୍ଡ ଓ ଆଧାରକାର୍ଡ ଆଦି ଅନ୍ତର୍ଭୁକ୍ତ ରହିଛି। ଉପରଲିଖିତ ପରିଚୟ ପତ୍ରଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପାଖରେ ଥିଲେ ଭୋଟରଙ୍କୁ ମତଦାନ ପାଇଁ ସୁଯୋଗ ଦିଆଯିବ ବୋଲି ଗୁରୁବାର ଆଠଗଡ଼ ଓ ବଡମ୍ବା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅମୀୟ କୁମାର ସାହୁ ପ୍ରକାଶ କରିଛନ୍ତି।

## ସରପଡାରେ ବିଜେଡିର କର୍ମୀ ସମାବେଶ




କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ପ୍ରତାପ ଜେନାଙ୍କୁ ସ୍ୱାଗତ କରାଯାଉଛି।

**ନିଶ୍ଚିନ୍ତକୋଇଲି,୧୮।୪(ସ୍ୱ.ପ୍ର.)**

ମାହାଙ୍ଗା ବିଧାନସଭା ନିର୍ବାଚନ କ୍ଷେତ୍ର ଅଧୀନସ୍ଥ ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତର ମେଳଣ ପଡିଆରେ ଗୁରୁବାର ବିଜେଡିର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ବିଜେଡି ସଭାପତି ରାୟଗୁରୁ ବିଜୟ କିଶୋର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ସରପଡା ପଞ୍ଚାୟତରେ ଏହାର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ସରପଞ୍ଚ ଗୁନୁବାଳା ମହାନ୍ତି, ସମିତି ସଭ୍ୟ ବିବେକାନନ୍ଦ ଆଚାର୍ଯ୍ୟ, ଅଶୋକ ଓଝା, ରାଜେନ୍ଦ୍ର କୁମାର ମହାନ୍ତି ଓ ଦିବାକର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ରମେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି କୋଲଣପୁର ପଞ୍ଚାୟତରେ ଅଶୋକଙ୍କ ସଭାପତିତ୍ୱରେ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେନାଙ୍କ ସମେତ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ଜେନା, ସମିତି ସଭ୍ୟ ପ୍ରହଲ୍ଲାଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ଅବଦୁଲ ମଲ୍ଲିକ୍, ଯତିନ୍ଦ୍ର ଜେନା ଓ ଯୁବ ବାହିନୀ ଉପଦେଷ୍ଟା ପତିତପାବନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମକୁନ୍ଦପୁର-ଚାରିଘରିଆ ଗ୍ରାମରେ ଶ୍ରୀରାମ ନବମୀ ବ୍ରତ

**ବାଙ୍କୀ,୧୮।୪ (ବି.ପ୍ର.)**

ବାଙ୍କୀ ଡମପଡା ବ୍ଲକ ଶିମିଳିପୁର ପଞ୍ଚାୟତ ଅନ୍ତର୍ଗତ ମକୁନ୍ଦପୁର-ଚାରିଘରିଆ ଗ୍ରାମରେ ଶ୍ରୀରାମ ନବମୀ ଦିନଠାରୁ ବ୍ରତ ଅନୁଷ୍ଠିତ ହେଉଛି। ଏହି ଅବସରରେ ଭଗବାନ ଶ୍ରୀରାମଙ୍କ କାହାଣୀ ଭକ୍ତମାନଙ୍କୁ ଶୁଣାଯାଉଛି। ଗତ ୮୭ ବର୍ଷ ଧରି ପାଳିତ ହୋଇଆସୁଥିବା ଏହି ବ୍ରତରେ ଗ୍ରାମର କାମଦେବ ନାୟକ, ରମେଶ ଚନ୍ଦ୍ର ନାୟକ, ସିଖର ନାୟକ, ପ୍ରଭାତ ନାୟକ, ସତ୍ୟପ୍ରିୟ ନାୟକ, ଗୋବିନ୍ଦ ନାୟକ ଓ ବିଭୂତି ନାୟକ ପ୍ରମୁଖ ସହଯୋଗ କରୁଛନ୍ତି।

## ଭାଜପାର ପଥପ୍ରାନ୍ତ ସଭା

**ସାଲେପୁର, ୧୮।୪ (ଡି.ଏନ୍.ଏ.)**

ସାଲେପୁର ବ୍ଲକ୍ ଅଧୀନ ଶିଶୁଆ ବଜାରସ୍ଥିତ ଡାକବଙ୍ଗଳା ସମ୍ମୁଖରେ ଭାଜପା ପକ୍ଷରୁ ଏକ ପଥପ୍ରାନ୍ତ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି ଯୋଗଦେଇ ଭାଜପା ସପକ୍ଷରେ ଭୋଟ ଦେବା ପାଇଁ ଲୋକମାନଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ନେତା ମନୋରଞ୍ଜନ ରାଉତରାୟ, ଯୁବନେତା ଅସିତ୍ ମହାନ୍ତି, ଭାବଗ୍ରାହୀ ବେହେରା, ସାଲେପୁର ମଣ୍ଡଳ ସଭାପତି ଅନିଲ୍ କୁମାର ଦାସ, ମେଘୁ ସିଂ ଓ ହରେକୃଷ୍ଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା ବିଧାନସଭା ପ୍ରାର୍ଥୀ ଦିଲୀପଙ୍କ ରୋଡ ଶୋ

**ନିଶ୍ଚିନ୍ତକୋଇଲି,୧୮।୪(ସ୍ୱ.ପ୍ର)**

କଟକ ସଦର ବିଧାନସଭା ଆସନର ଭାଜପା ପ୍ରାର୍ଥୀ ଦିଲୀପ ମଲିକ ଗୁରୁବାର ଏକ ରୋଡ ଶୋ କରିଥିଲେ। ସେ ପୂର୍ବାହ୍ନରେ ଏକ ମୋଟରସାଇକେଲ ଶୋଭାଯାତ୍ରାରେ ଜନାର୍ଦ୍ଦନପୁରରୁ ବାହାରି କଳମିଶ୍ରି, ସାନ୍ତପୁର, ବନ୍ଧୁପୁର, ପାଳଦା, ନେମାଳ ଓ ତିଳକଣା ପଞ୍ଚାୟତ ଗସ୍ତ କରି ମହିମା ଗାଦି ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ରୋଡ ଶୋରେ ସେକ ମୁକ୍ତାର ଅଲ୍ଲୀ, ରଞ୍ଜନ କୁମାର ନନ୍ଦ, ଧରଣୀଧର ନାୟକ,ପ୍ରୀତି ରଞ୍ଜନ ଖୁଣ୍ଟିଆ, ଅନିତା ସାହୁ, ରୀତାରାଣୀ ସିଂ, ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

■ ମତଦାନ ସୁପରିଚାଳନା ଲାଗି ସେକ୍ଟର ଅଫିସର ବୈଠକ

# ନିର୍ବାଚନ ପାଇଁ ଚୂଡାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି

**ଆଠଗଡ, ୧୮।୪(ସ୍ୱ.ପ୍ର.)**

**୨ ନିର୍ବାଚନ ମଣ୍ଡଳୀ**
- ■ଆଠଗଡ଼ ପାଇଁ ୨୪ ଜଣ ସେକ୍ଟର ଅଫିସର
- ■ବଡମ୍ବାରେ ୨୯ ଜଣ ସେକ୍ଟର ଅଫିସର
- ■ସରିଛି ଇଭିଏମ୍ କମିଶନିଂ ଓ ଭିଭିପିଏଟି ପ୍ରୋଗ୍ରାମିଂ

୨୩ରେ କଟକ ଲୋକ ସଭା ସହ ଆଠଗଡ ଓ ବଡ଼ମ୍ବା ବିଧାନସଭା ନିର୍ବାଚନୀ ମଣ୍ଡଳୀରେ ଭୋଟ ଗ୍ରହଣ ଲାଗି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭୋଟଦାନ ସମୟରେ ସୁପରିଚାଳନା ଲାଗି ଆଠଗଡ଼ ନିର୍ବାଚନମଣ୍ଡଳୀର ୨୫୪ ବୁଥ ପାଇଁ ୨୪ ଜଣ ସେକ୍ଟର ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ରିଟର୍ନିଂ ଅଫିସର ତଥା ଉପଜିଲାପାଳ ଅମୀୟ କୁମାର ସାହୁ ଗୁରୁବାର ଏକ ବୈଠକ କରି ସେକ୍ଟର ଅଫିସରମାନଙ୍କୁ ପରାମର୍ଶ ଦେଇଛନ୍ତି। ବୁଥଗୁଡିକରେ ଭୋଟ ଗ୍ରହଣ ପୂର୍ବରୁ ଇଭିଏମ୍ ଓ ଭିଭିପିଏଟିର ସୁପରିଚାଳନା, ନିର୍ଦ୍ଧାରିତ ସମୟରେ ମକ୍‌ପୋଲ କରାଇ ମତଦାନ ଆରମ୍ଭ କରିବା, ପ୍ରିଜାଇଡିଂ ଅଫିସରମାନଙ୍କ ସହ ଯୋଗାଯୋଗ ରଖି ଆବଶ୍ୟକ ସ୍ଥଳେ ତୁରନ୍ତ ସହାୟତା କରିବା ଉପରେ ସାହୁ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଡିଓ ଅଜାମ୍ବର ମହାନ୍ତି ଯୋଗଦେଇ ସେକ୍ଟର ଅଫିସର ମାନଙ୍କୁ ତାଲିମ ପ୍ରଦାନରେ ସହଯୋଗ କରିଥିଲେ। ଅନୁରୂପ ଭାବେ ବଡମ୍ବା ନିର୍ବାଚନ ମଣ୍ଡଳୀର ୨୯୦ ବୁଥ ଲାଗି ନିଯୁକ୍ତି ପାଇଥିବା ୨୯ ଜଣ ସେକ୍ଟର ଅଫିସରଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ଏଥିରେ ସହକାରୀ ରିଟର୍ନିଂ ଅଫିସର ତଥା ତହସିଲଦାର ଅନିଲ କୁମାର ପଟ୍ଟନାୟକ ଏବଂ ବିଡିଓ ସଦାନନ୍ଦ ସେଠୀ ଯୋଗଦେଇ ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ନିର୍ବାଚନରେ ପାଇଁ ଆଠଗଡ଼ର ୨୫୪ ଏବଂ ବଡ଼ମ୍ବାର ୨୯୦ ବୁଥ୍‌ର ଇଭିଏମ୍ କମିଶନିଙ୍ଗ ଓ ଭିଭିପିଏଟି ପ୍ରୋଗ୍ରାମିଂ କାର୍ଯ୍ୟ ଗତ ଏପ୍ରିଲ ୧୩ରୁ ଆରମ୍ଭ ହୋଇ ୧୭ରେ ଶେଷ ହୋଇଛି। ଏହି ମେଶିନଗୁଡିକୁ ସୁରକ୍ଷିତ ଭାବେ ସ୍ୱତନ୍ତ୍ର ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ଆଠଗଡ଼ସ୍ଥିତ ଗୋପବନ୍ଧୁ ବିଜ୍ଞାନ କଲେଜରୁ ଆଠଗଡ଼ ଓ ବଡମ୍ବା ପାଇଁ ନିର୍ବାଚନ ପରିଚାଳନା କରାଯାଉଛି। ଏଥିପାଇଁ କଲେଜ ପରିସରରେ ନିରବଚ୍ଛିନ୍ନ ପାନୀୟ ଜଳ, ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରାଯାଇଛି। ପୋଲିଙ୍ଗ ଦଳଗୁଡିକ ଖରା ଦାଉରୁ ରକ୍ଷା ପାଇବା ନିମନ୍ତେ ଟେଣ୍ଟ ଲଗାଯାଇଛି।

## DECLARATION ABOUT CRIMINAL CASES

As per the Judgment dated 25th September, 2018 of Hon'ble Supreme Court WP (Civil) No.536 of 2011 (Public Interest foundation and Ors. Vs. Union of India & Anr). Name and Address of Candidate : **Bijaya Kumar Dalabehera**, S/o- Suresh Chandra Mohanty, At/Po-Ratapata, Ps- Badamba, Dist- Cuttack, Pin-754037, Name of Political Party : Bharatiya Janata Party (BJP), Name of Constituency : **87- Badamba Assembly Constituency**. **I, Bijaya Kumar Dalabehera** a candidate for the above mentioned Election, declare for public information the following details about my criminal antecedents.

| Sl. No. | Pending Criminal Cases | | | Details about cases of conviction for criminal offences | |
|---|---|---|---|---|---|
| | Name of court | Case No. & Status of case | Section(s) of Acts concerned and brief description of offence(s) | Name of court & Date(s) of order(s) | Description of offence(s) & punishment imposed |
| 1 | JMFC Badamba, Cuttack | GR-75/2017 Pending | U/S 147, 148, 149, 427, 120 (B) | NA | NA |
| 2 | JMFC Badamba, Cuttack | 2 (c) C.C.-1/2016 Pending | U/S 70 of E.C. Act | NA | NA |
| 3 | JMFC Badamba, Cuttack | GR-112/2015 Pending | U/S 143, 341, 283, 278, 149 IPC | NA | NA |
| 4 | JMFC Badamba, Cuttack | GR-145/2015 Pending | U/S 143, 145, 147, 148, 341, 294, 336, 353, 427, 506, 149 IPC | NA | NA |
| 5 | JMFC Badamba, Cuttack | GR-25/2012 Pending | U/S 143, 454, 294, 506, 379, 35,4, 34 IPC | NA | NA |
| 6 | JMFC Badamba, Cuttack | GR-178/2006 Pending | U/S 448, 294, 379, 506, 341 IPC | NA | NA |

I have not been convicted in any Criminal offences.

**Sd./- Bijaya Kumar Dalabehera**



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଚୋରି : ୪ ଗିରଫ

**କଟକ ସଦର, ୧୮।୪ (ଡି.ଏନ୍.ଏ.):** ପାଣିପମ୍ପ ଚୋରି କରିବା ଅଭିଯୋଗରେ କିଶୋରନଗର ପୋଲିସ ୪ ଜଣଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ ରଇପଡ଼ା ଗ୍ରାମର ରଞ୍ଜନ ବେହେରା, ଚନ୍ଦ୍ରମଣି ନାୟକ, ସୁରେଶ ପ୍ରଧାନ ଓ କିଶୋରନଗର ଥାନା ଅନ୍ତର୍ଗତ ବୋଧପୁର ଗ୍ରାମର ପ୍ରମୋଦ ବେହେରା। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୧୫ ତାରିଖ ରାତିରେ ବୋଧପୁର ଗ୍ରାମର ଚାଷୀ ପ୍ରଫୁଲ୍ଲ ରଥଙ୍କ ଆଖୁକିଆରିରୁ ଅଭିଯୁକ୍ତମାନେ ପାଣିପମ୍ପ ଚୋରି କରିଥିଲେ। ଏ ନେଇ ରଥ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୯/୧୯) ରୁଜୁ କରିଥିଲା।

### ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

**କଟକ ଅଫିସ, ୧୮।୪:** ଶିଖରପୁର ନୂଆ ମାଲଗୋଦାମଠାରେ ସ୍ୱୟଂ ସମ୍ବିତ ରାଉତ ପ୍ରତିବର୍ଷ ଭଳି ଚଳିତବର୍ଷ ଜଳଛତ୍ର କେନ୍ଦ୍ର ଖୋଲିଛନ୍ତି। ଏହି ବର୍ଷ ସେ ସ୍ୱର୍ଗତ ନରହରି ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜଳଛତ୍ର କରି ଉକ୍ତ ମହତ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଥିବା କହିଛନ୍ତି। ଜଳଛତ୍ର କରି ବାଟୋଇକୁ ପାଣି ମୁନ୍ଦାଏ ଦେଇ ଖୁସି ଅନୁଭବ କରୁଥିବା ସହ ଅନ୍ୟମାନେ ଏପରି ଜଳଛତ୍ର କରି ବାଟରେ ଯାଉଥିବା ପଥିକର ତୃଷା ମେଣ୍ଟାଇବାକୁ ସମ୍ବିତ କହିଛନ୍ତି। ତାଙ୍କ ପିତା ସତ୍ୟବ୍ରତ ରାଉତ ତାଙ୍କୁ ଏହି କାର୍ଯ୍ୟରେ ପୂର୍ଣ୍ଣମାତ୍ରାରେ ସହଯୋଗ ଓ ପ୍ରେରଣା ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳର ବିଭୂତି ଭୂଷଣ ମହାନ୍ତି, ଗଣେଶ ଚନ୍ଦ୍ର ରାଉତ, ବିଷ୍ଣୁ ଚରଣ ନାୟକ, ରଞ୍ଜନ କୁମାର ବେଉରା, ପ୍ରଦ୍ୟୁମ୍ନ ପ୍ରଧାନ, ସୁବାସ ସାହୁ, ନିମାଇଁ ହରିଚନ୍ଦନ ପରିଜା, ହରିପ୍ରସାଦ ସାହୁ, ପ୍ରଶାନ୍ତ ସାହୁ, ଜସ୍ମିକାନ୍ତ ପଟ୍ଟନାୟକ, ସୌଭାଗ୍ୟ ରଞ୍ଜନ ଦାସ, ରଦାସ ରଞ୍ଜନ ପରିଡ଼ା ଓ ମା' ଦୁଲ୍ଲାଦେବୀ ବଜାର କମିଟିର ସଭ୍ୟବୃନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଚୂଡ଼ଙ୍ଗଗଡ଼ ଶିକ୍ଷକ ସାହିତ୍ୟ ସଂସଦର ବିଷୁବ ମିଳନ

**ନରାଜ/କଟକ ଅଫିସ୍, ୧୮।୪:** ଚୂଡ଼ଙ୍ଗଗଡ଼ ଶିକ୍ଷକ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗୁରୁବାର ନରଣପୁର ଉ.ପ୍ରା. ବିଦ୍ୟାଳୟ ପରିସରରେ ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପଦେଷ୍ଟା ଚିତ୍ତରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରମୋଦ କୁମାର ରାଉତ, ମନୋଜ କୁମାର ସ୍ୱାଇଁ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ବିକାଶରେ ଚୂଡ଼ଙ୍ଗଗଡ଼ ଶିକ୍ଷକ ସାହିତ୍ୟ ସଂସଦର ଭୂମିକାକୁ ଗୁରୁତ୍ୱ ଦେବାସହ ଏହା ସାରା ଓଡିଶାରେ ଏକ ସ୍ୱତନ୍ତ୍ର ଶିକ୍ଷକ ସଙ୍ଗଠନ ଭାବେ କାର୍ଯ୍ୟ କରିବ ବୋଲି କହିଥିଲେ। ଏହି ଅବସରରେ ସଂସଦର ସଦସ୍ୟା ନଳିନୀ ଦେଇଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ସମ୍ପାଦକ ପ୍ରଭାକର ସାହୁ ଅତିଥି ପରିଚୟ ପ୍ରଦାନ ଓ ସାଂସ୍କୃତିକ ସମ୍ପାଦକ ଦିଲୀପ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ସଂସଦର ସଭ୍ୟ ଆଶିଷ ଭୂୟାଁ, ବାସନ୍ତୀ ରାଉତ, ସଂଘମିତ୍ରା ମହାପାତ୍ର ଓ ସବିତା ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପରିମଳ ସଚେତନତା ପାଇଁ ଅଭିନବ ଉଦ୍ୟମ

**କଟକ ଅଫିସ,୧୮।୪:** ଉତ୍କଳ ସମାଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ଜଳ ଯୋଗାଣ ଓ ପରିମଳ ପରିଷଦର ସହାୟତାରେ କଟକ ସହରର ବିଭିନ୍ନ ସ୍କୁଲରେ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ସ୍ଥାନୀୟ ବୃନ୍ଦୀମଙ୍ଗଳା ବିଦ୍ୟାପୀଠ, ରେଲୱେ ସେଟଲମେଣ୍ଟ ହାଇସ୍କୁଲ, ରେଲୱେ ସେଟଲମେଣ୍ଟ ୟୁପି ସ୍କୁଲ, କଲେଜ ଛକ ସ୍ଥିତ ଶିଶୁ ଶିକ୍ଷାମନ୍ଦିର, ଦୟାସାଗର ପବ୍ଲିକ ସ୍କୁଲ, ଜୋବ୍ରା ମ୍ୟୁନିସିପାଲ ହାଇସ୍କୁଲ, ଏସ୍‌ସିବି ପବ୍ଲିକ ସ୍କୁଲ, ବିସିନାବର ସରକାରୀ ୟୁପି ସ୍କୁଲ ଭଳି ସମସ୍ତ ସ୍କୁଲରେ ସାନିଟେସନ ନ୍ୟୁଜ ବୁଲେଟିନ ବୋର୍ଡ ପ୍ରଦାନ କରାଯାଇଛି। ଏହା ଛାତ୍ରୀଛାତ୍ରମାନଙ୍କର ସୃଜନଶୀଳତାର ବିକାଶ ଓ ଜନ ସଚେତନତା ବୃଦ୍ଧି କରିବାରେ ସହାୟକ ହେବ ବୋଲି ଉତ୍କଳ ସେବକ ସମାଜର ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ କହିଛନ୍ତି। ଅନୁଷ୍ଠାନର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ରହିବା ପାଇଁ ପରାମର୍ଶ ଦେଇଥିଲେ। ମଳୟ କୁମାର ଷଡଙ୍ଗୀ, ପ୍ରମୋଦ କୁମାର ଓଝା ଓ ଦିଲୀପ କଅଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ବାଙ୍କୀ, ବଡ଼ମ୍ବାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା

# ଚାଷୀଙ୍କୁ କାଳିଆ ଟଙ୍କାରୁ କେହି ବଞ୍ଚିତ କରିପାରିବେନି

**ବାଙ୍କୀ/ବଡ଼ମ୍ବା, ୧୮।୪ (ସ୍ୱ.ପ୍ର./ବି.ପ୍ର./ଡି.ଏନ୍.ଏ.)**



ସଭାରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ, ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ବାଙ୍କୀ ଓ ବଡ଼ମ୍ବା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନୀ ପ୍ରଚାର କରିଛନ୍ତି। ବାଙ୍କୀ କଚେରି ପଡିଆଠାରେ ଆୟୋଜିତ ଜନ ସମାବେଶରେ ସେ କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ବାଙ୍କୀ ବିଧାନସଭା ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀଙ୍କୁ ବିଜୟୀ କରାଇବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, କାଳିଆ ଟଙ୍କା ପାଇବାରୁ ଚାଷୀଙ୍କୁ କେହି ବଞ୍ଚିତ କରିପାରିବେ ନାହିଁ। ଚଳିତ ନିର୍ବାଚନରେ ଲୋକେ ବିଜେଡିକୁ ବିଜୟୀ କରାଇଲେ ସରକାର ଗଠନର ପ୍ରଥମ ଦିନରେ ହିଁ ଏହି ଯୋଜନାରେ ବାକିଥିବା ୨୫ଲକ୍ଷ ଚାଷୀଙ୍କୁ ଏକାଥରେ ୨ଟି କିସ୍ତିର ୧୦ହଜାର ଟଙ୍କା ପ୍ରଦାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏପର୍ଯ୍ୟନ୍ତ ଏହି ଯୋଜନା ଜରିଆରେ ୪୦ଲକ୍ଷ ଚାଷୀ ଉପକୃତ ହେଲେଣି। ନାରୀ ସଶକ୍ତୀକରଣ ଉପରେ ତାଙ୍କ ସରକାର କରିଥିବା କାର୍ଯ୍ୟର ବିବରଣୀ ପ୍ରଦାନ କରି ସେ କହିଲେ ଯେ ବିକାଶର ପ୍ରକୃତ ଡବଲ ଇଞ୍ଜିନ ମହିଳାଙ୍କ ସଶକ୍ତୀକରଣ ପାଇଁ ପ୍ରତିବଦ୍ଧ। ଏଥିପାଇଁ ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମିଶନ ଶକ୍ତିକୁ ୫ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି କେ.ଜିରୁ ପି.ଜି ପର୍ଯ୍ୟନ୍ତ ମାଗଣା ବାଳିକା ଶିକ୍ଷା ଦିଆଯିବା ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୦ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ଓ ଝିଅ ବାହାଘର ପାଇଁ ୨୫ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି। ବିଜେଡି ସରକାର ପୁଣି କ୍ଷମତାକୁ ଆସିଲେ ଏସବୁ ଯୋଜନା ଚାଲୁ ରହିବ ବୋଲି ସେ କହିଥିଲେ। ଏହି ଅବସରରେ ସେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପ୍ରସଙ୍ଗ ଉଠାଇ ରାଜ୍ୟର ୨ କେନ୍ଦ୍ରମନ୍ତ୍ରୀଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଥିଲେ। କେନ୍ଦ୍ର ସରକାର ଓଡ଼ିଶାପ୍ରତି ଅବହେଳା କରୁଥିବା ଦର୍ଶାଇ ସେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସମାବେଶରେ ଏମ୍‌ପି ପ୍ରାର୍ଥୀ ମହତାବ ଓ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ବାଙ୍କୀରେ ବିଗତ ୨୦ବର୍ଷରେ ହୋଇଥିବା ବିକାଶର ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୁବାସ ଚନ୍ଦ୍ର ପାଢୀ, ସନ୍ତୋଷ ରଣା, ପ୍ରଣବ ପଟେଲ୍ ଓ ସନାତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ବଡ଼ମ୍ବାସ୍ଥିତ ଟେନିସ ପଡ଼ିଆରେ ଆୟୋଜିତ ସଭାରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ଦେବୀ ପ୍ରଦାସ ମିଶ୍ର ଓ ଏମ୍‌ପି ପ୍ରାର୍ଥୀ ମହତାବଙ୍କ ପାଇଁ ପ୍ରଚାର କରିଥିଲେ। କାର୍ଯ୍ୟକ୍ରମରେ ନରସିଂହପୁର ବ୍ଲକ ଅଧ୍ୟକ୍ଷ କିଶୋର ମିଶ୍ର, ବଡ଼ମ୍ବା ବ୍ଲକ୍ ଅଧ୍ୟକ୍ଷା ଅନୁସୂୟା ନାୟକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରକୁମାର ସାହୁ ଓ ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ ସରୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କୌଣସି ପ୍ରଭାବ ପଡ଼ିବନାହିଁ : ଦେବାଶିଷ

ବାଙ୍କୀ,୧୮।୪(ସ୍ୱ.ପ୍ର.): ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ବାଙ୍କୀ ଗସ୍ତକୁ କଂଗ୍ରେସ ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ କଡ଼ା ସମାଲୋଚନା କରିବା ସହିତ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ବାଙ୍କୀବାସୀ ସଚେତନ ହୋଇସାରିଲେଣି। କଳଙ୍କିତ ଶାସନ ହଟାଇବାକ ସେମାନେ ମନସ୍ଥ କରିଛନ୍ତି। ୨୦୧୪ ନିର୍ବାଚନର ଠିକ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ବାଙ୍କୀ ଆସି ବସଷ୍ଟାଣ୍ଡ ଓ କଲ୍ୟାଣ ମଣ୍ଡପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ବସଷ୍ଟାଣ୍ଡ୍ ପାଇଁ ଇଟାଖଣ୍ଡିଏ ପଡ଼ିଲା ନାହିଁ। କଲ୍ୟାଣମଣ୍ଡପ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ତେଣୁ ବାଙ୍କୀକୁ ମୁଖ୍ୟମନ୍ତ୍ରୀ କେତେ ଭଲପାଆନ୍ତି ତାହା ଜଣାପଡୁଛି। ବାଙ୍କୀ ଏକ କୃଷିଭିତ୍ତିକ ଅଞ୍ଚଳ ହୋଇଥିବାବେଳେ ଜଳସେଚନକୁ ବିଜେଡି ସରକାର ସମ୍ପୂର୍ଣ୍ଣ ଅକାମୀ କରିଦେଇଛି। ଚାଷୀଙ୍କ ପାଇଁ ଥିବା ଶୀତଳଭଣ୍ଡାର ଭୂତକୋଠିରେ ପରିଣତ ହୋଇଛି। ତେଣୁ ବାଙ୍କୀର ବିକାଶ ପାଇଁ କଂଗ୍ରେସକୁ ଭୋଟ ଦେବାକୁ ଦେବାଶିଷ ଅନୁରୋଧ କରିଛନ୍ତି।

## ରବୀନ୍ଦ୍ର କୁମାର ଲାଇବ୍ରେରିର ବାର୍ଷିକ ଉତ୍ସବ

**କଟକ ଅଫିସ୍, ୧୮।୪**

ରବୀନ୍ଦ୍ର କୁମାର ଲାଇବ୍ରେରିର ବାର୍ଷିକ ଉତ୍ସବ ବୁଧବାର କଟକ ଶତାବ୍ଦୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ନବନୀତା ବସୁମଲ୍ଲିକଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ କହିଥିଲେ, ପାଠାଗାର ହେଲା ସଂସ୍କୃତି, ପରମ୍ପରା ଓ ବିଦ୍ୟାର ଗନ୍ତାଘର। ନୂଆ ପିଢ଼ିଙ୍କୁ ପାଠାଗାର ପ୍ରତି ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ତାରକନାଥ ସୁର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସନ୍ଦୀପ କୁମାର ମିତ୍ର ବିବରଣୀ ପାଠ, ଡ. ନିର୍ମଳକାନ୍ତି ସେନ ଅତିଥି ପରିଚୟ ପ୍ରଦାନ ଓ ରଥିନ୍ଦ୍ର ଲାଲ ବୋଷ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ ମୁଖାର୍ଜୀଙ୍କୁ ସମ୍ମାନିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଡ. ସୁବାସିନୀ ଲେଙ୍କାଙ୍କ ରଚିତ ଉପନ୍ୟାସ 'ଆଖି ଝରକାର ଆରପଟେ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଦେବାଶିଷଙ୍କ ବିରୋଧରେ ବର୍ଷିଲା କଂଗ୍ରେସ

**କଟକ ଅଫିସ୍, ୧୮।୪**

**ସିଏମ୍‌ସି ଦୁର୍ନୀତି, ଠିକାଦାରି ପ୍ରସଙ୍ଗ ଉଠାଇଲା**

ନିର୍ବାଚନ ସମୟରେ ବିଧାୟକ ତଥା ବାରବାଟୀ-କଟକ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କୁ କଂଗ୍ରେସ ଘେରିଛି। ଦେବାଶିଷଙ୍କ ଠିକାଦାରି କାରବାର, ସିଏମ୍‌ସି ଦୁର୍ନୀତି ଓ ଧଳସାମନ୍ତ ଭ୍ରାତାଙ୍କ ସହିତ ଲିଙ୍କ୍ ପ୍ରସଙ୍ଗ ଉଠାଇ କଂଗ୍ରେସ ବର୍ଷିଛି। ଗୁରୁବାର ନଗର କଂଗ୍ରେସର ପୁରୀଘାଟସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ଏମ୍‌ପି ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋ, ମୁଖପାତ୍ର ଅଶୋକ ସାମଲ ପ୍ରମୁଖ ଯୋଗଦେଇ ଦେବାଶିଷ ଏଠାରୁ ଦୁଇଥର ବିଧାୟକ ହୋଇ ମଧ୍ୟ କଟକର ଉନ୍ନତି କରିବା ବଦଳରେ କଟିକିଆଙ୍କୁ ଟିକସ ଯନ୍ତାରେ ପକାଇଥିବା କହିଛନ୍ତି। ୨୦୦୩ରେ କଟକ ମ୍ୟୁନିସିପାଲିଟି ମହାନଗର ନିଗମରେ ପରିଣତ ହେଲା। ଏହା ପୂର୍ବରୁ ମ୍ୟୁନିସିପାଲିଟି ଆଇନ-୧୯୫୦ ଅନୁସାରେ ପ୍ରତ୍ୟେକ ଘରୁ ଗୋଟିଏ ପ୍ରକାର ଟିକସ ନିଆଯାଉଥିଲା। ମହାନଗର ନିଗମ ହେବା ପରେ ୪ ପ୍ରକାର ଟିକସ ଦେବା ପାଇଁ ଆଇନ ହେଲା। ଏହି ଟିକସ ବୃଦ୍ଧି ପାଇଁ ହୋଇଥିବା ନିଷ୍ପତ୍ତି ଲାଗୁ ସକାଶେ ଏକ ଆଇନ କରିବା ପାଇଁ ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ ଓଡ଼ିଶା ସରକାରଙ୍କ ଅନୁମୋଦନ ପାଇଁ ୨୦୧୪ ମସିହାରୁ ଚିଠି ଯାଇଛି। ଅଦ୍ୟାବଧି ଟିକସ ଧାର୍ଯ୍ୟ ଉପରେ ଅନୁମୋଦନ ନ ହୋଇଥିଲେ ବି ବିଧାୟକଙ୍କ ପ୍ରରୋଚନାରେ କେତେଜଣ ପଦାଧିକାରୀଙ୍କ ଦ୍ୱାରା କମିଟି ହୋଇ ମନଇଚ୍ଛା ଟିକସ ବୃଦ୍ଧି କରିଛନ୍ତି। ଫଳରେ ୨୦୦ ଟଙ୍କା ଦେଉଥିବା ଟିକସଦାତା ୨୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ଦେଉଥିବା କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି। ୨୦୦୮-୦୯ ମସିହାରେ ଏକ ଗ୍ଲୋବାଲ ଟେଣ୍ଡର ମାଧ୍ୟମରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସଫେଇ କାର୍ଯ୍ୟ ରାମ୍‌କି ଏନ୍‌ଭାଇରନମେଣ୍ଟ ନାମକ କମ୍ପାନୀକୁ ୫ ବର୍ଷ ପାଇଁ ଦିଆଗଲା। ପ୍ରତ୍ୟେକ ମାସ ରାମ୍‌କୀ କମ୍ପାନୀ ଦେଢ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସଫେଇ ପାଇଁ ନେଉଥିଲା। ତା'ର କାର୍ଯ୍ୟକାଳ ପୂରିଯିବା ପରେ ତାକୁ ପୁନର୍ବାର ଟେଣ୍ଡର କରାଗଲାନାହିଁ। ବିଧାୟକଙ୍କ ପ୍ରରୋଚନାରେ ୨୦୧୭ ମସିହା ପର୍ଯ୍ୟନ୍ତ ତା'ର ବର୍ଷକିଆ ଅବଧି ବୃଦ୍ଧି କରାଯାଇଥିବା ଅଭିଯୋଗ ହୋଇଛି। ଏପରି କି ପାରାଦୀପ ଆଇଓସିଏଲ୍‌କୁ ପାଇପ ବିଛା କାମରେ ବିଧାୟକ ପାର୍ଟନର ସାଜିଥିବା କଂଗ୍ରେସ କହିଛି। ଜାଇକା ପ୍ରକଳ୍ପ ଯୋଗୁ ସହରର ରାସ୍ତାଗୁଡ଼ିକ ମରଣଯନ୍ତାରେ ପରିଣତ ହୋଇଛି। ୨୦୧୩ ମସିହାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ୩ ବର୍ଷରେ ସରିବାକୁ ଯୋଜନା ଥିବାବେଳେ ୭୦୦ କୋଟି ଟଙ୍କାର ବ୍ୟୟବରାଦ ଅଟକଳ ହୋଇଥିଲା। ଇତିମଧ୍ୟରେ ପ୍ରକଳ୍ପ ଖର୍ଚ୍ଚ ୩ହଜାର କୋଟି ଟଙ୍କାରେ ପହଞ୍ଚିଲାଣି। ଏପରି କି ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭ୍ରାତାଙ୍କ ସହିତ ବିଧାୟକଙ୍କର ଲିଙ୍କ୍‌ଥିବା ନେଇ କଂଗ୍ରେସ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି। ତେବେ କଂଗ୍ରେସର ଏଭଳି ଅଭିଯୋଗ ସମ୍ପର୍କରେ ଦେବାଶିଷ କୁହନ୍ତି, ଆସନ୍ନ ପରାଜୟ ଜାଣିବା ପରେ କଂଗ୍ରେସ ଏଭଳି ଭିତ୍ତିହୀନ ଅଭିଯୋଗ କରୁଛି। ରାଜନୀତି କରିବା ପାଇଁ ବ୍ୟକ୍ତିଗତ ଆକ୍ଷେପକୁ କଟିକିଆ କେବେ ଗ୍ରହଣ କରିନାହାନ୍ତି କି କରିବେ ନାହିଁ ବୋଲି ସେ କହିଛନ୍ତି।

## ବିଭିନ୍ନ ସ୍ଥାନରେ ବିଜେଡିର ରୋଡ୍ ଶୋ'

**କଟକ ଅଫିସ/ କଣ୍ଟାପଡା, ୧୮।୪ (ଡି.ଏନ୍.ଏ.)**

ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳଙ୍କ ନେତୃତ୍ୱରେ ରୋଡ୍ ଶୋ' କରାଯାଇଥିଲା। ଏହା ବିଜେଡି ନିର୍ବାଚନ କାର୍ଯ୍ୟାଳୟରୁ ବାହାରି ଗୋଲେଇ ଛକ, ନାନକାର, ପୋଡାର, ନୂଆସାହି, ଇମାମନଗର, ବାରିକସାହି, ସାମଲସାହି, ତରୋଳ, ତ୍ରିନାଥସାହି, ନ୍ୟୁତରୋଳ ଦେଇ ବ୍ୟାରେଜ କଲୋନୀରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କ ପୁଅ ଲୋକରଞ୍ଜନ ମହତାବ, ପୂର୍ବତନ କର୍ପୋରେଟର ନବକିଶୋର ସ୍ୱାଇଁ, ଦିଲୀପ ଜେନା, ଦୟାନିଧି ନାୟକ, କାଳିଆ ଜେନା, ପ୍ରମୋଦ ଜେନା, ତ୍ରିଲୋଚନ ପଣ୍ଡା, ମାଧବ ବିଶ୍ୱାଳ, ସୁବ୍ରତ ଘଡେଇ, ମଳୟ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

ଚଳିତ ନିର୍ବାଚନ ପାଇଁ କଣ୍ଟାପଡ଼ା ବ୍ଲକର ୪ଟି ପଞ୍ଚାୟତରେ ଗୁରୁବାର ବିଜେଡି ପକ୍ଷରୁ ରୋଡ୍ ଶୋ' କରାଯାଇଥିଲା। ନିଆଳି ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଡା. ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବାଗଲପୁର ପଞ୍ଚାୟତର ସୁନ୍ଦରଗ୍ରାମଠାରୁ ରୋଡ୍ ଶୋ'ରେ ବାହାରି କଣ୍ଟାପଡା, ଅଡଶପୁର ଓ ଉରାଢ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟ୍ ଭିକ୍ଷା କରିଥିଲେ।

# ଗଣତାନ୍ତ୍ରିକ ଅଧିକାର ଚେତନାଯାତ୍ରା

**କଟକ ଅଫିସ,୧୮।୪**

■ ୧୦ ଜିଲାର ଇଭିଏମ୍ ଡିଷ୍ଟ୍ରିବ୍ୟୁଟର କେନ୍ଦ୍ରରେ ହେବ ବିକ୍ଷୋଭ

■ ପ୍ରଥମ, ଦ୍ୱିତୀୟ ପର୍ଯ୍ୟାୟ ଭୋଟ ବର୍ଜନ କଲେ ଚାଷୀ

ଚାଷ ବଞ୍ଚାଅ, ଚାଷୀ ବଞ୍ଚାଅ, ଦେଶ ବଞ୍ଚାଅ। ଏଥିସହ ପ୍ରାଇସ୍, ପ୍ରେସ୍‌ଟିଜ, ପେନ୍‌ସନ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗତ ୨ତାରିଖରୁ ଆରମ୍ଭ ହୋଇଥିବା ଗଣତାନ୍ତ୍ରିକ ଅଧିକାର ଚେତନା ଯାତ୍ରା ଗୁରୁବାର କଟକରେ ପହଞ୍ଚିଛି। ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ଏହି ବୈଠକରେ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଚାଷୀଙ୍କୁ ପ୍ରାଇସ, ପ୍ରେସ୍‌ଟିଜ ଏବଂ ପେନ୍‌ସନ ପ୍ରଦାନ ପାଇଁ ସରକାରଙ୍କ ପାଖରେ ବହୁ ପୂର୍ବରୁ ଦାବି ହୋଇଆସୁଛି। ହେଲେ ଏହା ପୂରଣ ପାଇଁ ସରକାର ତତ୍ପରତା ପ୍ରକାଶ କରୁ ନ ଥିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସାଧାରଣ ନିର୍ବାଚନରେ ନବନିର୍ମାଣ କୃଷକ ସଙ୍ଗଠନ ସଦସ୍ୟମାନେ ଭୋଟ ବର୍ଜନ କରିବା, ଚାଷୀମାନଙ୍କୁ ସଚେତନତା କରିବା ଓ ସରକାରଙ୍କ ଚାଷୀମାରଣ ନୀତିକୁ ଲୋକଲୋଚନକୁ ଆଣିବା ହେଉଛି ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ। ୫ବର୍ଷ ମଧ୍ୟରୁ ୧୮୨୪ ଦିନ ଚାଷୀ ତା'ର ଅଧିକାର ପାଇବାରୁ ବଞ୍ଚିତ ହୋଇଛନ୍ତି। ଭୋଟ ସମୟରେ ଗୋଟେ ଦିନ କାହିଁକି ଭୋଟ ଦେବୁ ବୋଲି ଚାଷୀ ସଙ୍ଗଠନ ସଭାପତି ଅକ୍ଷୟ କୁମାର ପ୍ରକାଶ କରିଛନ୍ତି। ପ୍ରଥମ, ଦ୍ୱିତୀୟ ପର୍ଯ୍ୟାୟ ଭୋଟକୁ ଚାଷୀମାନେ ବର୍ଜନ କରିଛନ୍ତି। ଆସନ୍ତା ୨୩ ଏବଂ ୨୯ ତାରିଖରେ ହେବାକୁ ଥିବା ଭୋଟ ପୂର୍ବରୁ ୨୧ ଓ ୨୭ ତାରିଖରେ ୧୦ଟି ଜିଲାର ଇଭିଏମ୍ ଡିଷ୍ଟ୍ରିବ୍ୟୁଟର କେନ୍ଦ୍ରରେ ବିକ୍ଷୋଭ କରାଯିବ ବୋଲି ରାଷ୍ଟ୍ରୀୟ ସହ ସଂଯୋଜକ ଉମାକାନ୍ତ ଭାରତ କହିଛନ୍ତି। ଏହି ବୈଠକରେ କଟକ ଜିଲା ସଂଯୋଜକ ସୁବାସ ପଣ୍ଡା, କେନ୍ଦୁଝର ଜିଲା ପ୍ରଭାରୀ ସଂଗ୍ରାମ କେଶରୀ, କନ୍ଧମାଳ ଜିଲା ପ୍ରଭାରୀ ସନ୍ତୋଷ ପାତ୍ର, କଳାହାଣ୍ଡି ଜିଲା ପ୍ରଭାରୀ ସୁରେନ୍ଦ୍ର ମହାରଣା, ସମ୍ବଲପୁର ଜିଲା ପ୍ରଭାରୀ ସନାତନ ପ୍ରଧାନଙ୍କ ସମେତ ବହୁ ଚାଷୀ ନେତା ଓ ଚାଷୀ ଯୋଗଦେଇଥିଲେ।



କଟକ ପୁରୀଘାଟସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ଲୋକ ସଭା ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋ ଓ ଅନ୍ୟ ନେତୃବୃନ୍ଦ ରାଜ୍ୟ ସରକାରଙ୍କ ୧୯ ବର୍ଷ ଶାସନରେ ୧୯ଟି ବଡ ଅଭିଯୋଗ ଫର୍ଦ୍ଦକୁ ଉନ୍ମୋଚନ କରୁଛନ୍ତି।

# ପୋଖରୀ ସଫେଇ ଦାବିରେ ଧାରଣା

**କଣ୍ଟାପଡା,୧୮।୪(ଡି.ଏନ୍.ଏ.)**


ବିଦ୍ୟାଳୟ ମୁଖ୍ୟ ଫାଟକଠାରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଗୁଣାଦୋଳ ଗ୍ରାମ କେ.ଏନ୍. ନୋଡାଲ ସ୍କୁଲ ଅଧୀନରେ ଥିବା ଠାକୁରାପୋଖରୀ ସଫେଇ ଦାବିରେ ଗ୍ରାମବାସୀ ଉକ୍ତ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ଆବଶ୍ୟକ ପଡିଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ପରୋକ୍ଷରେ ଚେତାବନୀ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରାୟ ୨.୫ ଏକର ଜମିରେ ଉକ୍ତ ପୋଖରୀ ରହିଛି। ବିଭାଗୀୟ ଅବହେଳାରୁ ପୋଖରୀଟି ଦଳ ଓ ଆବର୍ଜନାରେ ଭରି ରହିଥିବାରୁ ମଶା ଓ ବିଷଧର ସାପ ରହୁଛନ୍ତି। ଫଳରେ ଏହା ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଫଳରେ ଗ୍ରାମବାସୀ ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ସ୍କୁଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଥିରେ ଅତିଷ୍ଠ ହୋଇ ଗୁଣାଦୋଳ ତ୍ରୟାନାଥ ଯୁବ ପରିଷଦ ସହଯୋଗରେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଗତ ୯ତାରିଖରେ ଲିଖିତଭାବେ ଜଣାଇଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣା କୁମାରୀ ଦେଇ କୁହନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ପାଇବା ପରେ ଆମେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏ ସମ୍ପର୍କରେ ଅବଗତ କରାଇଥିଲୁ। ନିର୍ବାଚନ ପରେ ଉକ୍ତ ବିଭାଗ ପଦକ୍ଷେପ ନେବ ବୋଲି କହିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଧାରଣାକାରୀଙ୍କ ସହ ଆଲୋଚନା କରି ବିଫଳ ହୋଇଥିଲେ। ମଧ୍ୟାହ୍ନରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଅଚ୍ୟୁତ ପ୍ରଧାନ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ନିର୍ବାଚନ ପରେ ଉକ୍ତ ପୋଖରୀ ସଫେଇ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


# DECLARATION ABOUT CRIMINAL CASES

As per the Judgment dated 25th September, 2018 of Hon'ble Supreme Court WP (Civil) No.536 of 2011 (Public Interest foundation and Ors. Vs. Union of India & Anr). Name and Address of Candidate : **Bijaya Kumar Dalabehera**, S/o- Suresh Chandra Mohanty, At/Po-Ratapata, Ps- Badamba, Dist- Cuttack, Pin-754037, Name of Political Party : Bharatiya Janata Party (BJP), Name of Constituency : **87- Badamba Assembly Constituency**. **I, Bijaya Kumar Dalabehera** a candidate for the above mentioned Election, declare for public information the following details about my criminal antecedents.

| Sl. No. | Pending Criminal Cases | | | Details about cases of conviction for criminal offences | |
|---|---|---|---|---|---|
| | Name of court | Case No. & Status of case | Section(s) of Acts concerned and brief description of offence(s) | Name of court & Date(s) of order(s) | Description of offence(s) & punishment imposed |
| 1 | JMFC Badamba, Cuttack | GR-75/2017 Pending | U/S 147, 148, 149, 427, 120 (B) | NA | NA |
| 2 | JMFC Badamba, Cuttack | 2 (c) C.C.-1/2016 Pending | U/S 70 of E.C. Act | NA | NA |
| 3 | JMFC Badamba, Cuttack | GR-112/2015 Pending | U/S 143, 341, 283, 278, 149 IPC | NA | NA |
| 4 | JMFC Badamba, Cuttack | GR-145/2015 Pending | U/S 143, 145, 147, 148, 341, 294, 336, 353, 427, 506, 149 IPC | NA | NA |
| 5 | JMFC Badamba, Cuttack | GR-25/2012 Pending | U/S 143, 454, 294, 506, 379, 35,4, 34 IPC | NA | NA |
| 6 | JMFC Badamba, Cuttack | GR-178/2006 Pending | U/S 448, 294, 379, 506, 341 IPC | NA | NA |

I have not been convicted in any Criminal offences.

Sd./- Bijaya Kumar Dalabehera

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୯ ଏପ୍ରିଲ , ୨୦୧୯



"ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ପୋଲିସ ଗାଡ଼ି, ବାଇକ୍ ଦୁର୍ଘଟଣା ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ରଣପୁର/ଟାଙ୍ଗୀ ୧୮।୪ (ସ୍ୱ.ପ୍ର./ଡି.ଏନ.ଏ.)-ନୟାଗଡ଼ ଜିଲା ଚାନ୍ଦପୁର ଥାନା କେରେଣ୍ଡାଟାଙ୍ଗୀ ପଞ୍ଚାୟତସ୍ଥ ରାଇପଡା ଛକରେ ବୁଧବାର ସନ୍ଧ୍ୟାରେ ଏକ ପୋଲିସ ବୋଲେରୋ ଗାଡି ଧକ୍କାରେ ସେହି ଗ୍ରାମର ବାଇକ୍ ଆରୋହୀ ସୁନୀଲ ଚମ୍ପତି (୨୨) ଗୁରୁତର ହୋଇଥିଲେ। ଦୁର୍ଘଟଣା ଘଟାଇ ପୋଲିସ ଗାଡିଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଥିଲା । ଉକ୍ତ ଘଟଣାକୁ ନେଇ ଗ୍ରାମବାସୀ ସନ୍ଧ୍ୟା ୭ ଟାରେ ରଣପୁର-ଚାନ୍ଦପୁର ରାସ୍ତା ରାଇପଡ଼ା ଛକଠାରେ ନିଆଁ ଜାଳି ରାସ୍ତାରୋକୋ କରିଥିଲେ। ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଲୋକ ଉତ୍ତେଜିତ ହୋଇ ଗଛ ପକାଇ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ପାଇଁ ସାଧାରଣଲୋକେ ହଇରାଣ ହୋଇଥିଲେ। ତେବେ ଗୁରୁବାର ଅପରାହ୍ନ ୨ଟାରେ ରଣପୁର ଥାନାରୁ ଅବସର ଗ୍ରହଣ କରିଥିବା ଥାନା ଅଧିକାରୀ ଗିରିଜା ଶଙ୍କର ରଥ ଏବଂ ସମାଜସେବୀ ତାରା ଆଚାର୍ଯ୍ୟ ଭୁବନେଶ୍ୱରରୁ ଆସୁଥିବାବେଳେ ରାସ୍ତାରୋକୋ ଯୋଗୁ ଆଗକୁ ଯାଇପାରି ନ ଥିଲେ। ଉକ୍ତ ଘଟଣା ନେଇ ରଥ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସହିତ ଫୋନରେ କଥାବାର୍ତ୍ତା ହେବା ସହ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ କ୍ଷତିପୂରଣ ସହିତ ପୋଲିସ ଗାଡି ଡ୍ରାଇଭର ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଦୀର୍ଘ ୧୯ ଘଣ୍ଟା ପରେ ଅର୍ଥାତ୍ ଅପରାହ୍ନ ୨ ଟା ପରେ ରାସ୍ତାରୋକୋ ହଟି ରଣପୁର ଚାନ୍ଦପୁର ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ରଥଖଳାରେ ପହଞ୍ଚିଲା ରୁକୁଣା ରଥ

ପୁରୁଣା ଭୁବନେଶ୍ୱର, ୧୮।୪ (ଡି.ଏନ.ଏ.)- ଦୀର୍ଘ ୬ଦିନ ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ତାଙ୍କର ରୁକୁଣା ରଥଯାତ୍ରା ଶେଷ କରିଛନ୍ତି। ଏହା ସତ୍ତ୍ୱେ ବୁଧବାର ଗୋସାଗରେଶ୍ୱର ଛକରେ ଅଟକ ରହିଥିବା ରୁକୁଣା ରଥ ଗୁରୁବାର ଅପରାହ୍ନ ସାଢେ ୬ଟାରେ ରଥଖଳାରେ ପହଞ୍ଚିଛି। ରଥଦାଣ୍ଡର ବଢେଇବାଙ୍କ ଆଗକୁ ରଥ ଗଡୁଥିବା ବେଳେ ଅଟକି ରହିଥିଲା। ପରେ ମନ୍ଦିରରୁ ଅଭିମାନିନୀ ମା' ପାର୍ବତୀ ପାଲିଙ୍କିରେ ବସି ରାଗ ତମ ତମ ହୋଇ ରଥ ନିକଟକୁ ଆସିଥିଲେ। ସେଠାରେ ଶ୍ରୀଲିଙ୍ଗରାଜଙ୍କ ସହ ପାର୍ବତୀଙ୍କ କଳି ହୋଇଥିଲା। ରଥରେ କାହିଁକି ତାଙ୍କୁ ମହାପ୍ରଭୁ ନେଇ ନ ଥିଲେ ସେହି ରାଗରେ ରଥ ପଟା ଖଣ୍ଡେ ଧରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଅଭିମାନିନୀ ମା' ଚାହାଣି ମଣ୍ଡପରେ ଖଟୁଲିରେ ଜଗି ରହିଥିଲେ, କେତେବେଳେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ଆସୁଛନ୍ତି ସେହି ବାଟ ସେ ଚାହିଁ ରହିଥିଲେ।

### ଗୌରୀ କୁଣ୍ଡର ପୁନରୁଦ୍ଧାର ପାଇଁ ଜଳ ସତ୍ୟାଗ୍ରହ

ପୁରୁଣା ଭୁବନେଶ୍ୱର, ୧୮।୪ (ଡି.ଏନ.ଏ.)- ସମଗ୍ର ବିଶ୍ୱରେ ଗୁରୁବାର ଅର୍ନ୍ତଜାତୀୟ ଐତିହ୍ୟ ଦିବସ ପାଳିତ ହେଉଛି। ଏହି ଅବସରରେ ରାଜ୍ୟରେ ଥିବା ଐତିହ୍ୟଗୁଡ଼ିକର ଉପଯୁକ୍ତ ସୁରକ୍ଷା ଓ ସଂରକ୍ଷଣ ଦାବିରେ ଏକାମ୍ର ଜନଜାଗରଣ ମଞ୍ଚର ସଦସ୍ୟମାନେ କେଦାରଗୌରୀ ମନ୍ଦିରସ୍ଥିତ ଗୌରୀ କୁଣ୍ଡରେ ଅଭିନବ ଢଙ୍ଗରେ ଜଳ ସତ୍ୟାଗ୍ରହ ମାଧ୍ୟମରେ ଜନସାଧାରଣ ଓ ପ୍ରଶାସନକୁ ସଚେତନ କରିଛନ୍ତି। କୁଣ୍ଡ ଭିତରେ ସଦସ୍ୟମାନେ ରହି ଏହାର ପୁନରୁଦ୍ଧାର ପାଇଁ ୨୦୧୬ରେ ମଞ୍ଜୁର ହୋଇଥିବା ୧ କୋଟି ୩୦ଲକ୍ଷ ଟଙ୍କାର ଅନୁଦାନ ରାଶି କାର୍ଯ୍ୟ କେଉଁଆଡେ ଗଲା ବୋଲି ସ୍ଲୋଗାନ ଦେଇଥିଲେ। ଅଦ୍ୟାବଧି ପୁନରୁଦ୍ଧାର ନିମନ୍ତେ ଘୋଷିତ ରାଶିର ବ୍ୟୟରେ କୌଣସି ସନ୍ତୋଷଜନକ ବିବରଣୀ କର୍ତ୍ତୃପକ୍ଷ ଦେଉ ନ ଥିବାବେଳେ ଏଭଳି ଏକ ଐତିହାସିକ କୁଣ୍ଡର ଭବିଷ୍ୟତ ସଂରକ୍ଷଣକୁ ନେଇ ମଞ୍ଚ ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ କରାଯାଇଥିଲା। ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଏହି ଐତିହ୍ୟ କୁଣ୍ଡ ପରିଦର୍ଶନରେ ଆସିଥାନ୍ତି। ଅତୀତ ଗୌରବର ମୂକସାକ୍ଷୀ ଏକାମ୍ର କ୍ଷେତ୍ରରେ ଏଭଳି ସମସ୍ତ ଜଳାଶୟଗୁଡ଼ିକର ସୁରକ୍ଷା, ସଂରକ୍ଷଣ କେବଳ କର୍ତ୍ତୃପକ୍ଷଙ୍କର ନୁହେଁ ଜନସାଧାରଣଙ୍କ ଏକ କର୍ତ୍ତବ୍ୟ ବୋଲି ସେମାନେ କହିଥିଲେ। ଏହି ଜଳ ସତ୍ୟାଗ୍ରହରେ ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ନେତୃତ୍ୱରେ ମୃତ୍ୟୁଞ୍ଜୟ ମହାନ୍ତି, ବ୍ରଜରାଜ ପଣ୍ଡା, ସୁଲତା ସାହାଣୀ, ତିଳୋତ୍ତମା ମହାନ୍ତି, ସଞ୍ଜୁଲତା ପଟ୍ଟନାୟକ, ଜଗତ ଚନ୍ଦ୍ର ଦାସ, ଗୋପୀନାଥ ପ୍ରଧାନ, ହିମାଂଶୁ ହୋତା, ଅତୁଲ୍ୟ କାନୁନ୍‌ଗୋ, ବିଷ୍ଣୁପ୍ରିୟା ଜେନା, ସ୍ୱପ୍ନାରାଣୀ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

■ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ

# ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ

## ବେଗୁନିଆ, ଖୋର୍ଦ୍ଧା, ଜଟଣୀ ନିର୍ବାଚନମଣ୍ଡଳୀରେ କଲେ ପ୍ରଚାର

ଖୋର୍ଦ୍ଧା ଅଫିସ/ ବେଗୁନିଆ/ ଜଟଣୀ,୧୮।୪ (ଡି.ଏନ.ଏ.) :

ଆସନ୍ତା ୨୩ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ପ୍ରାର୍ଥୀମାନଙ୍କ ପାଇଁ ମାରାଥନ ପ୍ରଚାର ଓ ରୋଡ ଶୋ ଗୁରୁବାର କରିଛନ୍ତି। ଭୁବନେଶ୍ୱର ଲୋକ ସଭା ଆସନ ଅନ୍ତର୍ଗତ ବେଗୁନିଆ, ଖୋର୍ଦ୍ଧା ଓ ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ସେ ଏକ ସ୍ୱତନ୍ତ୍ର ବସ ଯୋଗେ ରୋଡ ଶୋ କରିଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ, ମୁଖ୍ୟମନ୍ତ୍ରୀ ହେଲିକପ୍ଟରରେ ଆସି ବେଗୁନିଆ ମିନି ଷ୍ଟାଡିୟମରେ ଅପରାହ୍ନ ୪ଟା ୨୭ ମିନିଟ୍‌ରେ ଅବତରଣ କରିଥିଲେ। ପରେ ଏକ ସ୍ୱତନ୍ତ୍ର ବସ ଯୋଗେ ବେଗୁନିଆ ନିର୍ବାଚନମଣ୍ଡଳୀ ଅଧୀନ ୫୭ ନଂ. ଜାତୀୟ ରାଜପଥ ଦେଇ ସ୍ଥାନୀୟ ପୋଷ୍ଟ ଅଫିସ ଛକ, ବାଘମାରୀ, ସାରୁଅ ବଜାର ଅତିକ୍ରମ କରି ଖୋର୍ଦ୍ଧା ଅଭିମୁଖେ ଗସ୍ତ କରିଥିଲେ। ନବୀନଙ୍କ ରୋଡ ଶୋ' ରେ ସିନେ ତାରକା, ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ସାମିଲ ଥିଲେ। ସେହିପରି ଏହି ନିର୍ବାଚନମଣ୍ଡଳୀର ବେଗୁନିଆ ଓ ବୋଲଗଡ ଉଭୟ ବ୍ଲକର ୪୦ ପଞ୍ଚାୟତରୁ ଆସିଥିବା ବହୁ ମହିଳାପୁରୁଷ କର୍ମୀ, ଲୋକଙ୍କ ସମାଗମ ହୋଇଥିଲା। ନିର୍ଦ୍ଧାରିତ ସମୟଠାରୁ ମୁଖ୍ୟମନ୍ତ୍ରୀ ପ୍ରାୟ ୩୭ ମିନିଟ୍ ବିଳମ୍ବରେ ଆସିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବସରେ ରୋଡ ଶୋ ଆରମ୍ଭ କରିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ବସ ଉପରୁ ଆସି ହାତ ହଲାଇ ମାଇକ୍ରୋଫୋନ ଦ୍ୱାରା ଜୟ ଜଗନ୍ନାଥ, ଆପଣମାନେ ଖୁସି ତ, ମୁଁ ବି ବହୁତ ଖୁସି ଏତିକି କହିଥିଲେ। ଏ ସମ୍ପର୍କରେ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁ କୁହନ୍ତି, ମୁଖ୍ୟମନ୍ତ୍ରୀ ଖରା ତାତି ଯୋଗୁ ବହୁ ସ୍ଥାନ ପ୍ରଚାର କରି ନିଜେ ଅସୁସ୍ଥତା ଅନୁଭବ କରୁଥିଲେ। ଫଳରେ ବିଶେଷ କିଛି ଭାଷଣ ରଖି ପାରି ନ ଥିଲେ।

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କ ଅନୁଷ୍ଠିତ ରୋଡ ଶୋ'ରେ ବେଗୁନିଆ ଭଳି ଏଠାରେ ଭାଷଣ ଦେବା ପରେ ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ। ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଥିଲେ। ଖୋର୍ଦ୍ଧାରେ ଅଧ ଘଣ୍ଟାଏ ପାଇଁ ରୋଡ୍ ଶୋ'ରେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଅପରାହ୍ନ ୫ଟା।୨୦ମିନିଟ୍‌ରେ ସ୍ୱତନ୍ତ୍ର ବସ୍ ଯୋଗେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଛକରେ ପହଞ୍ଚିଥିଲେ। ସେଠାରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ଅରୂପ କୁମାର ପଟ୍ଟନାୟକ ରୋଡ ଶୋ'ରେ ସାମିଲ ହୋଇଥିଲେ। ଏଥିରେ ସିନେ ଅଭିନେତା ରାଇମୋହନ, ସମ୍ବିତ, ଅଭିନେତ୍ରୀ ଚାନ୍ଦିନି, ସୁପ୍ରିୟା ଓ



ବେଗୁନିଆଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ ଶୋ' କରୁଛନ୍ତି ।

ସଙ୍ଗୀତାକାର ହ୍ୟୁମାନ ସାଗର ପ୍ରମୁଖ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ରୋଡ୍ ଶୋ ଜିଲା ମୁଖ୍ୟ ଚିକିତ୍ସାଳୟ ଛକଠାରୁ ବାହାରି ୫୭ ନଂ. ଜାତୀୟ ରାଜପଥରେ ଚଣ୍ଡୀତୁଆ ଛକ, ନୂଆ ବସଷ୍ଟାଣ୍ଡ ଦେଇ ସମବାୟ ବ୍ୟାଙ୍କ ଛକକୁ ଆସିଥିଲା। ରାସ୍ତାର ଉଭୟପାର୍ଶ୍ୱରେ ଜନସମାଗମ ହୋଇଥିଲା। ମୁଖ୍ୟମନ୍ତ୍ରୀ ଜିଲା ମୁଖ୍ୟ ଚିକିତ୍ସାଳୟ , ସମବାୟ ଛକଠାରେ ଲୋକଙ୍କୁ ସ୍ୱଳ୍ପ ସମୟ ପାଇଁ ଭୋଟ ଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'ର ୧ ଘଣ୍ଟା ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଛକରେ ରାସ୍ତା ଜାମ୍ ହୋଇ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ପଡିଥିଲା। ମୁଖ୍ୟମନ୍ତ୍ରୀ ଯିବାର ୧୫ ମିନିଟ୍ ପର୍ଯ୍ୟନ୍ତ ମଧ୍ୟ ରାସ୍ତା ଜାମ୍ ରହିଥିଲା।

ମୁଖ୍ୟମନ୍ତ୍ରୀ ନବୀନ ସନ୍ଧ୍ୟାରେ ସ୍ୱତନ୍ତ୍ର ବସ୍‌ରେ ଖୋର୍ଦ୍ଧା ବାଇପାସ୍ ଛକରୁ ଜଟଣୀ ମୁଖ୍ୟରାସ୍ତା ଦେଇ ସ୍ଥାନୀୟ ସୀତାରାମ ଛକ ପର୍ଯ୍ୟନ୍ତ ପ୍ରାୟ ୭ କି.ମି. ରୋଡ୍ ଶୋ ହୋଇଥିଲା। ମୁଖ୍ୟ ରାସ୍ତାର ହରିଭାଇନା, ସୀତାରାମ ଛକରେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ଲୋକଙ୍କୁ କହିଥିଲେ। 'ଆପଣମାନେ ଭଲ ଅଛନ୍ତି ତ, ମୁଁ ବି ଭଲ ଅଛି। ଆଶୀର୍ବାଦ କରନ୍ତୁ ଶଙ୍ଖ ଚିହ୍ନରେ ଭୋଟ୍ ଦିଅନ୍ତୁ ବୋଲି କହିଥିଲେ। ରୋଡ୍ ଶୋ ସମୟରେ ମୁଖ୍ୟରାସ୍ତାର ଉଭୟପାର୍ଶ୍ୱରେ ବହୁସଂଖ୍ୟାରେ ଲୋକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ରୋଡ୍ ଶୋ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ବସ୍ ସମ୍ମୁଖରେ ଖୋଲା ଜିପ୍‌ରେ ଭୁବନେଶ୍ୱର ଲୋକ ସଭା ଆସନ ପ୍ରାର୍ଥୀ ଅରୂପ ପଟ୍ଟନାୟକ, ଜଟଣୀ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟ, ଏମ୍‌ପି ପାଟଶାଣୀ ଉପସ୍ଥିତ ରହି ଲୋକଙ୍କୁ ଭୋଟ୍ ଭିକ୍ଷା କରିଥିଲେ। ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧାରୁ ଜଟଣୀ ମୁଖ୍ୟ ରାସ୍ତା ଦେଇ କୁଦିଆରୀ, ହରିରାଜପୁର ହୋଇ ସୁନ୍ଦରପଦା ରାସ୍ତାରେ ଭୁବନେଶ୍ୱର ଫେରିବା ନେଇ ପ୍ରଚାର ହୋଇଥିଲା। ତେବେ ଅଣଓସାରିଆ ଅଣ୍ଡରଗ୍ରାଉଣ୍ଡ ମଧ୍ୟରେ ସ୍ୱତନ୍ତ୍ର ବସ୍ ପଶିବା ସମ୍ଭବ ନ ଥିବାରୁ ଶେଷ ମୁହୂର୍ତ୍ତରେ ଏହାକୁ ପରିବର୍ତ୍ତନ କରାଯାଇ ସୀତାରାମ ଛକରୁ ତଳଖେତା ଛକ ରାସ୍ତା ଦେଇ ମୁଖ୍ୟମନ୍ତ୍ରୀ ଫେରିଥିଲେ।

### ଅନୁମତି ଦେଲାନି ପୋଲିସ ଖୋଲାମଞ୍ଚ କାର୍ଯ୍ୟକ୍ରମ ବାତିଲ୍

ଖୋର୍ଦ୍ଧା ଅଫିସ,୧୮।୪

ନିର୍ବାଚନ ପଦ୍ଧତିରେ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ଶୁକ୍ରବାର ସ୍ଥାନୀୟ ଗୀତାଭବନ ପଡ଼ିଆଠାରେ ଖୋଲାମଞ୍ଚ ଅନୁଷ୍ଠିତ ହୋଇଥାନ୍ତା। ତେବେ ଭାଜପା ନେତା ମଙ୍ଗୁଳି ଜେନାଙ୍କ ହତ୍ୟା ପରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ କରି ଖୋର୍ଦ୍ଧା ଏସ୍‌ପି ଖୋଲାମଞ୍ଚ କରିବାକୁ ଅନୁମତି ବାତିଲ କରି ଦେଇଛନ୍ତି। ଏ ସମ୍ପର୍କରେ ଭୁବନେଶ୍ୱର ଲୋକ ସଭା ଓ ଖୋର୍ଦ୍ଧା ବିଧାନସଭା ପାଇଁ ରିଟର୍ନିଂ ଅଫିସର ଦାୟିତ୍ୱରେ ଥିବା ପିଡି ଡିଆରଡିଏ, ନିୟୁ ଥିଙ୍କିଙ୍ଗ୍ ଫୋରମ୍‌ର ସଭାପତି ତଥା ଆଇନଜୀବୀ ନରେନ୍ଦ୍ର କୁମାର ପୃଷ୍ଟିଙ୍କୁ ଅବଗତ କରାଇ ଦେଇଛନ୍ତି।

### ଖବରକାଗଜ ବିତରକଙ୍କ ମୋବାଇଲ୍ ଚୋରି

ଯାଁଳା,୧୮।୪(ଡି.ଏନ.ଏ):

ଖବରକାଗଜ ବିତରକ ମନୋରଞ୍ଜନ ମହାକୁଡ଼ଙ୍କ ପକେଟ୍‌ରୁ କେହି ଦୁର୍ବୃତ୍ତ ତାଙ୍କର ମୋବାଇଲକୁ ଚୋରି କରି ନେଇଛନ୍ତି। ଜଟଣୀ ବ୍ଲକ ଭାତକୁଡ଼ି ଗ୍ରାମର ମନୋରଞ୍ଜନ ଏକ ଦୋକାନରୁ ଘର ପାଇଁ ସଉଦା କିଣୁଥିବା ସମୟରେ ତାଙ୍କର ଅନ୍ୟମନସ୍କତାର ସୁଯୋଗ ନେଇ ମୋବାଇଲକୁ ଦୁର୍ବୃତ୍ତ ଚୋରି କରି ନେଇଥିବା ସେ କହିଛନ୍ତି।

## ଟାଙ୍ଗୀରେ ଭାଜପାର ବିଜୟ ସଙ୍କଳ୍ପ ସଭା

ଟାଙ୍ଗୀ (ଖୋର୍ଦ୍ଧା),୧୮।୪(ଡି.ଏନ.ଏ.)

ସ୍ଥାନୀୟ ରାଜୀବ ଗାନ୍ଧୀ ପଡିଆରେ ଗୁରୁବାର ସନ୍ଧ୍ୟାରେ ଟାଙ୍ଗୀ ବ୍ଲକ୍ ଭାଜପା ତରଫରୁ ବିଜୟ ସଙ୍କଳ୍ପ ସଭା ଅନୁଷ୍ଠିତ ହୋଇଛି। ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଏଥିରେ ବ୍ଲକ୍‌ର ବହୁ ସଂଖ୍ୟାରେ ମହିଳା ଓ ଯୁବକ ଉପସ୍ଥିତ ଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ରଞ୍ଜନ ମଙ୍ଗରାଜଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ନିର୍ମଳା ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମିରଞ୍ଜନ ମହାପାତ୍ର, ଆଇନଜୀବୀ ଅଜୟ ପଟ୍ଟନାୟକ, ରାଜା ମିଶ୍ର, ଜିଲାପରିଷଦ ସଭ୍ୟା ମମତା ଜେନା, ଭାଜପା ପ୍ରବକ୍ତା ସୋନାଲୀ ସାହୁ, ଗଙ୍ଗାଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାରଙ୍କୁ ଗାଦିସୀନ କରିବାକୁ ବକ୍ତାମାନେ ନିବେଦନ କରିଥିଲେ। ବିଜେଡି ସରକାରଙ୍କୁ ସମାଲୋଚନା କରାଯାଇଥିଲା। ସଭା ଆରମ୍ଭର ପ୍ରାୟ ୩ ଘଣ୍ଟା ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସଭାସ୍ଥଳରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ରଘୁନାଥ ସାହୁଙ୍କ ନେତୃତ୍ୱରେ ୫୫ ଜଣ ବିଜେଡି କର୍ମୀ, ଡିଆ ପଞ୍ଚାୟତର ସମିତି ସଭ୍ୟା ପ୍ରମୁଖ ଭାଜପାରେ ଯୋଗଦେବା ହେତୁ କେନ୍ଦ୍ରମନ୍ତ୍ରୀ ସେମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ କାଳୁ ଖଣ୍ଡେଇତରାୟ ଖୋର୍ଦ୍ଧା ମାଟିର ସ୍ୱାଭିମାନ ରକ୍ଷାକରି ଏହାକୁ ବିକାଶ ପଥରେ ଆଗେଇ ନେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ସମଗ୍ର ବିଶ୍ୱ ଦରବାରରେ ଭାରତର ସମ୍ମାନକୁ ବହୁ ଗୁଣିତ କରି ଦେଶର ଅଖଣ୍ଡତା ବଜାୟ ରଖିବାକୁ ଅହରହ ଉଦ୍ୟମ ଜାରି ରଖିଥିବା ଦର୍ଶାଇଥିଲେ। ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ଅବହେଳା ଦର୍ଶାଇ ନବୀନ ପଟ୍ଟନାୟକ ଟଙ୍କିଆ ଚାଉଳ ଠାରୁ ଆରମ୍ଭ କରି ବିଭିନ୍ନ ମିଛ କଥା କହି ଲୋକଙ୍କୁ ଆଉ ପ୍ରତାରଣା କରିପାରିବେ ନାହିଁ ବୋଲି କହିବା ସହିତ ଏକ ଦୁର୍ନୀତିମୁକ୍ତ ସରକାର ଗଠନ ଦିଗରେ ଭାଜପାକୁ ଭୋଟଦେବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ନିବେଦନ କରିଥିଲେ।



ସଂକଳ୍ପ ସମାବେଶରେ ଉପସ୍ଥିତ ଭାଜପା ନେତା ଓ କର୍ମୀମାନେ ।

# ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'ର ଏପାଖ ସେପାଖ



ମୁଖ୍ୟମନ୍ତ୍ରୀଙ୍କୁ ଅପେକ୍ଷା କରିଥିବା ଏମପି ପ୍ରସନ୍ନ ପାଟଶାଣୀ ଓ ବିଧାୟକ ପ୍ରାର୍ଥୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ ।



ପିଲାମାନେ ବିଜେଡି ପତାକା, ଟୋପି ଲଗାଇ ଠିଆ ହୋଇଛନ୍ତି ।

### ଜିପ୍‌ରୁ ଖସି ପଡିଲେ ଯୁବକ

ଖୋର୍ଦ୍ଧା ଅଫିସ,୧୮।୪:

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ୍ ଶୋ' ବେଳେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଛକ ନିକଟରେ ଗୁରୁବାର ଅପରାହ୍ନରେ ଘଟିଛି ଦୁର୍ଘଟଣା। ରୋଡ୍ ଶୋ' ଚାଲିଥିବାବେଳେ ହଠାତ୍ ଜଣେ କର୍ମୀ ଖୋଲା ଜିପ୍‌ରୁ ତଳକୁ ଖସି ପଡିଥିଲେ। ହେଲେ ଆହତ ଯୁବକ କେଉଁ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ତାହା ଜଣାପଡୁନି। ଆହତଙ୍କ ଠିକଣା ମଧ୍ୟ ଜଣାପଡିନି।

### ଦଳୀୟ ବେଶରେ ପିଲା

ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ଦେଖିବାକୁ ୫୭ ନଂ. ଜାତୀୟ ରାଜପଥର ଚଣ୍ଡିତୁଆ ଟ୍ରାଫିକ ଛକରେ ମହିଳାପୁରୁଷ ଅପେକ୍ଷାରତ ଥିଲେ। ତେବେ ଏହି ଅପେକ୍ଷାରେ ଛୋଟ ଛୋଟ ପିଲାମାନେ ଦଳୀୟ ଟୋପି ଓ ପତାକାକୁ ଧରି ଅପେକ୍ଷା କରିଥିଲେ। ଛୋଟ ପିଲାଙ୍କୁ ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି।

### ଅଭିମାନ ଭାଙ୍ଗିଲେ

ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ଦଳୀୟ ଟିକେଟ ନ ପାଇବା ପରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଆଉ ଦେଖିବାକୁ ମିଳୁ ନ ଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'ରେ ପାଟଶାଣୀ ଉପସ୍ଥିତ ରହିଥିଲେ। ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଦଳୀୟ ପ୍ରାର୍ଥୀ ହୋଇଥିବାରୁ ସେ ବେଶ୍ ଖୁସି ବୋଲି ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ଅନ୍ୟପକ୍ଷେ ଦଳୀୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଭୋଟରଙ୍କୁ ଅନୁରୋଧ କରିଥିଲେ। କେତେଜଣ କର୍ମୀ ଓ ସମର୍ଥକ ଆଲୋଚନା କରୁଥିଲେ ଅଭିମାନ ଛାଡି ପାଟଶାଣୀ ସାର ଆସିଛନ୍ତି ବଡକଥା।

### ବିଳମ୍ବ ସତ୍ତ୍ୱେ ଅପେକ୍ଷା

ମୁଖ୍ୟମନ୍ତ୍ରୀ ୩ଟା୫୦ରେ ବେଗୁନିଆ ମିନି ଷ୍ଟାଡିୟମରେ ହେଲିକପ୍ଟର ଅବତରଣ କରିବାର ଥିଲା। ହେଲେ ଗୁରୁବାର ଅପରାହ୍ନରେ ୪ଟା୨୭ମିନିଟ୍‌ରେ ପହଞ୍ଚି ଥିଲେ ଉପସ୍ଥିତ କର୍ମୀ ସମର୍ଥକ ପ୍ରିୟ ନେତାଙ୍କଠାରୁ କିଛି ଶୁଣିବାକୁ ଚାହୁଁଥିଲେ। ହେଲେ ମୁଖ୍ୟମନ୍ତ୍ରୀ ବସ ଭିତରେ ହାତ ହଲେଇ କେବଳ ଆପଣମାନେ ଖୁସି ତ କହି ଚାଲି ଯାଇଥିଲେ। ତେବେ ଖୋର୍ଦ୍ଧାର ୨ଟି ସ୍ଥାନରେ ସଂକ୍ଷିପ୍ତ ଭାଷଣକୁ ନେଇ କେତେଜଣ କର୍ମୀ ଓ ସମର୍ଥକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଖରାରେ କାମ କରୁଛନ୍ତି ଶ୍ରମିକ

■ସରକାରୀ ନିର୍ଦ୍ଦେଶକୁ ମାନୁନାହାନ୍ତି
■ ଦିନ ୧୧ ରୁ ୩ ଟା ପର୍ଯ୍ୟନ୍ତ କାମ କରିବା ମନା
■ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ

ନିରାକାରପୁର,୧୮।୪(ଡି.ଏନ.ଏ.)

ଗ୍ରୀଷ୍ମ ପ୍ରବାହ ଯୋଗୁ ଅସହ୍ୟ ଖରା ଆରମ୍ଭ ହୋଇଯାଇଛି । ଏଥିଯୋଗୁ ସରକାର ସ୍କୁଲ୍‌ଗୁଡ଼ିକୁ ଛୁଟି କରିଦେଇଥିବାବେଳେ ଅଂଶୁଘାତର ଆଶଙ୍କା ରହିଥିବାରୁ ଶ୍ରମିକମାନେ ବିପଜ୍ଜନକ ଭାବେ କାମ ନ କରିବା ପାଇଁ କଡ଼ା ନିର୍ଦ୍ଦେଶ ରହିଛି। ହେଲେ ଏହି ନିର୍ଦ୍ଦେଶକୁ ଅନେକ ସ୍ଥାନରେ କେହି ମାନୁ ନାହାନ୍ତି। ଖୋର୍ଦ୍ଧା ଜିଲା ନିରାକାରପୁର ଗେଟ୍ ବଜାରସ୍ଥିତ ଏକ ପାଞ୍ଚ ମହଲାବିଶିଷ୍ଟ ମଲ୍ ଉପରେ ଶ୍ରମିକମାନେ ଖରାରେ କାମ କରୁଥିବା ଦେଖିବାକୁ ମିଳିଛି । ରୌଦ୍ରତାପ ଯୋଗୁ ଏପ୍ରିଲ ପହିଲାରୁ ସମସ୍ତ ଶ୍ରମିକଙ୍କୁ ବିଶେଷ ଭାବେ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମଜୀବୀଙ୍କୁ ସକାଳ ୧୧ଟା ଭିତରେ ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ନିୟମ ଲାଗୁ କରାଯାଇଛି। ଅନ୍ୟ ସମୟରେ ଟାଣ ଖରାରେ କାମ ନ କରିବା ପାଇଁ କଡା ନିର୍ଦ୍ଦେଶ ଥିବାବେଳେ ତାହା କେବଳ କାଗଜ କଲମରେ ସୀମିତ ଥିବା ଅଭିଯୋଗ ହୋଇଛି। ସରକାରୀ ଅନୁମତି ପ୍ରାପ୍ତ କରି ନ ଥିବା ଅନେକ ଠିକାଦାର ଶ୍ରମ ଆଇନକୁ ଫୁ କରି ଶ୍ରମିକମାନଙ୍କୁ ନିଜ ଇଚ୍ଛା ଅନୁସାରେ ଟାଣଖରାରେ କାମ କରାଉଥିବା ଦେଖାଯାଇଛି । ଏ ଘଟଣା ନେଇ କିଛି ଶ୍ରମିକଙ୍କୁ ପଚାରିବାରୁ ସେମାନେ ନିଜ ନାମ ପ୍ରକାଶ ନ କରି କହିଥିଲେ ମାଲିକଙ୍କ କହିବା ଅନୁସାରେ ଆମେ କାମ ନ କଲେ ଆମକୁ ଆଉ କାମରେ ରଖିବେ ନାହିଁ । ତେଣୁ ଏଭଳି ଟାଣଖରାରେ କାମ କରିବାକୁ ଇଚ୍ଛା ନ ଥିଲେ ମଧ୍ୟ ବାଧହୋଇ ଆମେ କାମ କରୁଛୁ। ଏ ଅଞ୍ଚଳରେ ମିସ୍ତ୍ରି ମଜୁରି ୫୫୦, ଶ୍ରମିକ ୩୦୦, ପଥର ବୁହାଳି ୪୫୦ଟଙ୍କା ହୋଇଥିବାବେଳେ ଛାତ ପଲସ୍ତରା ଚାର୍ଜ ଅଲଗା ରହିଛି । ଯେଉଁମାନେ ଏମାନଙ୍କୁ ନେଇ କାମ କରାଉଛନ୍ତି କେହି ବି ଶ୍ରମ ବିଭାଗରୁ ଲାଇସେନ୍ସ ଆଣିନାହାନ୍ତି। ଯଦି କୌଣସି ଶ୍ରମିକର କେତେବେଳେ ବି କିଛି ଅଘଟଣ ହୁଏ ତେବେ ତା'ର ପରିବାର ଲୋକ ଅସହାୟ ହୋଇ ଭୋକ ଉପାସରେ ରହିବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ଶ୍ରମ ଅଧିକାରୀ ଦିଲ୍ଲୀପ ପାଣି କହିଛନ୍ତି, ଶ୍ରମିକମାନଙ୍କୁ ଦିନ ୧୧ଟା ଠାରୁ ୩ଟା ମଧ୍ୟରେ ଖରାରେ କାମ କରାଇବା କଥା ନୁହେଁ। ଯଦି କେହି ଏଭଳି କରୁଛନ୍ତି ସେମାନଙ୍କ ଉପରେ କେସ୍ ହେବ। ଯେଉଁମାନେ ବିନା ଲାଇସେନ୍ସରେ ଶ୍ରମିକମାନଙ୍କୁ ନେଇ କାମ କରୁଛନ୍ତି ସେମାନଙ୍କ ବିରୋଧରେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଥିଲେ।



ଖରାରେ ବିପଜ୍ଜନକ ଭାବେ ଶ୍ରମିକମାନେ ନିର୍ମାଣ କାମ କରୁଛନ୍ତି ।

■ ଗ୍ରାମରକ୍ଷୀଙ୍କୁ ମିଳିଲାନି ସୁରକ୍ଷା

# ଆତ୍ମହତ୍ୟା କରିବାକୁ ବସ୍ ଆଗରେ ଶୋଇପଡିଲେ

ଖୋର୍ଦ୍ଧା ଅଫିସ,୧୮।୪

ଖୋର୍ଦ୍ଧା ଜିଲା ବାଘମାରୀ ଥାନାର ରହିମ ଖାଁ ନାମକ ଜଣେ ଗ୍ରାମରକ୍ଷୀ ନିଜକୁ ସୁରକ୍ଷିତ ନ ମଣି ଆତ୍ମହତ୍ୟା ପାଇଁ ଅନୁମତି ମାଗିଲେ। ତେବେ ଅନୁମତି ନ ମିଳିବା ଓ ଯନ୍ତ୍ରଣା ସହ୍ୟ କରି ନ ପାରି ସମ୍ପୃକ୍ତ ଗ୍ରାମରକ୍ଷୀ ବାଘମାରୀ ଥାନା ସମ୍ମୁଖରେ ବସ୍ ଆଗରେ ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୨୦ମିନିଟ୍‌ରେ ଶୋଇ ପଡିଥିଲେ। ତେବେ ୫୭ ନଂ. ଜାତୀୟ ରାଜପଥରେ ଚଳନ୍ତା ବସଟି ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଅଟକି ଯାଇଥିଲା। ଏଥିରେ ଗ୍ରାମରକ୍ଷୀଙ୍କ କିଛି କ୍ଷତି ହୋଇନି। ତେବେ ପୋଲିସ ଗ୍ରାମରକ୍ଷୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଯେଉଁ କର୍ମଚାରୀ ନ୍ୟାୟ ନ ପାଇ ଆତ୍ମହତ୍ୟା ଉଦ୍ୟମ କଲେ ତାଙ୍କର ଅଭିଯୋଗକୁ ପୁଣି ଅଣଦେଖା କରାଗଲେ ପରିସ୍ଥିତି କ'ଣ ହେବ ସମୟ କହିବ। ଅଭିଯୋଗ ଅନୁସାରେ, ଗତ ୧୭ ତାରିଖ ରାତିରେ ଦିନିଆରୀ ପଣାଯାତ୍ରାରେ ରହିମ ଖାଁ ନାମକ ଜଣେ ଗ୍ରାମରକ୍ଷୀ ଡ୍ୟୁଟି କରୁଥିଲେ। ମଦ ଧରାକୁ ଆୟୁଧ କରି ଯାତ୍ରାରେ ଭୋଗଡା ଗାଁର ଜଣେ ମଦ ବ୍ୟବସାୟୀ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କଲେ। ଏପରି କି ତଣ୍ଟିଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ପାଟି ଖୋଲିଲେ ତୁଳସୀପୁର ଗୁଣ୍ଡା ଲଗାଇ ମାରିଦେବାର ଧମକ ଦେଇଥିଲେ। ଏହି ମଦଧରା ଘଟଣାରେ ଅନ୍ୟ ଜଣେ ଗ୍ରାମରକ୍ଷୀ ମଦ ବ୍ୟବସାୟୀଙ୍କୁ ସହଯୋଗ କରୁଥିବାର ଅଭିଯୋଗ ରହିମ ଆଣିଛନ୍ତି। ସମ୍ପୃକ୍ତ ଗ୍ରାମରକ୍ଷୀ ପୋଲିସର ମଦଧରା ଅଭିଯାନର ଗୁପ୍ତ କଥା କହି ତାଙ୍କୁ ମରଣମୁହଁକୁ ଠେଲି ଦେଇଥିବା ରହିମ ଅଭିଯୋଗ କରିଥିଲେ। ଏସବୁ ସତ୍ତ୍ୱେ ପୋଲିସର ସହଯୋଗ ନ ମିଳିବାରୁ ରହିମ ଆତ୍ମହତ୍ୟା କରିବାକୁ ଆଇଆଇସିଙ୍କୁ ଅନୁମତି ମାଗିଥିଲେ। ହେଲେ ଆଇଆଇସି ଚୁପ ରହିବାରୁ ଆତ୍ମହତ୍ୟା କରିବାକୁ ବସ ଆଗରେ ଶୋଇପଡିଥିଲେ ବୋଲି ସେ କହିଛନ୍ତି। ତେବେ ଘଟଣା ସମ୍ପର୍କରେ ଆଇଆଇସି ପ୍ରଣତୀ ପଟ୍ଟନାୟକଙ୍କୁ ପଚାରିବାରୁ ସେ କିଛି ନ କହି ପ୍ରଶ୍ନକୁ ଏଡାଇ ଯାଇଥିଲେ।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଆଜି ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ

ପୁରୀ ଅଫିସ,୧୮।୪: ଆସନ୍ତା ୨୩ତାରିଖରେ ପୁରୀ ଲୋକ ସଭା ଏବଂ ଏହା ଅଧୀନ ବିଧାନସଭା ଆସନ ଲାଗି ମତଦାନ ହେବ। ଏଥିପାଇଁ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରଚାରକୁ ଜୋର୍‌ଦାର କରାଯାଇଛି। ଶୁକ୍ରବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀରେ ମାରାଥନ ପ୍ରଚାର କରିବେ। ପ୍ରଥମେ ରଣପୁର ଏବଂ ପରେ ଚିଲିକାରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ଏହାପରେ ହେଲିକପ୍ଟରରେ ଆସି ସାତପଡ଼ାରେ ପହଞ୍ଚି ଆରମ୍ଭ କରିବେ ରୋଡ୍ ଶୋ'। ପୂର୍ବାହ୍ନ ୧୧ଟା ୪୦ରୁ ସାତପଡ଼ାରୁ ସ୍ୱତନ୍ତ୍ର ବସ୍ ଯୋଗେ ମୁଖ୍ୟମନ୍ତ୍ରୀ ରୋଡ୍ ଶୋ' କରି ପୁରୀ ଅଭିମୁଖେ ଆସିବେ। ଅପରାହ୍ନ ୧.୩୦ରେ ପୁରୀରେ ପହଞ୍ଚି ସର୍କିଟ୍ ହାଉସ୍‌ରେ ରହିବେ। ପୁଣି ଅପରାହ୍ନ ୩ଟାରୁ ପୁରୀ ସହରରେ ମୁଖ୍ୟମନ୍ତ୍ରୀ ରୋଡ୍ ଶୋ' କରିବେ। ଅପରାହ୍ନ ୪ଟାରେ ପୁରୀରୁ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ସତ୍ୟବାଦୀ ଏବଂ ପିପିଲି ନିର୍ବାଚନମଣ୍ଡଳୀ ଦେଇ ଭୁବନେଶ୍ୱର ଅଭିମୁଖେ ଯିବ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି।

### ଆଜି ନରେନ୍ଦ୍ରରୁ କଢାଯିବ ଡଙ୍ଗା

ପୁରୀ ଅଫିସ,୧୮।୪: ଆସନ୍ତା ମେ ୭ତାରିଖରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ବାହାର ଚନ୍ଦନ ଯାତ୍ରାରେ ମହାପ୍ରଭୁ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବେ। ତେଣୁ ଠାକୁରଙ୍କର ନନ୍ଦା ଓ ଭଦ୍ରା ଚାପ ନିର୍ମାଣ ନିମନ୍ତେ ଆରମ୍ଭ ହୋଇଛି ପ୍ରସ୍ତୁତି। ପରମ୍ପରା ମୁତାବକ ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ବୁଡ଼ାଯାଇଥିବା ୫ ଡଙ୍ଗା ଚୈତ୍ର ପୂର୍ଣ୍ଣିମାରେ କଢାଯାଇଥାଏ। ତେଣୁ ଶୁକ୍ରବାର ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକମାନେ ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରୁ ଡଙ୍ଗା କାଢିବେ। ଏହାପରେ ଆବଶ୍ୟକ ମରାମତି ଏବଂ ରଙ୍ଗ ଦିଆଯାଇ ନନ୍ଦା ଏବଂ ଭଦ୍ରା ଚାପ ତିଆରି କରାଯିବ।

### ଖୋଲା ମଞ୍ଚକୁ ଆସିଲେନି ପ୍ରାର୍ଥୀ

ସାକ୍ଷୀଗୋପାଳ, ୧୮।୪(ଡି.ଏନ୍.ଏ.): ସତ୍ୟବାଦୀ ନାଗରିକ ମଞ୍ଚ ପକ୍ଷରୁ ଗୁରୁବାର ଆହ୍ୱାନ କରାଯାଇ ଥିବା ଜନମଞ୍ଚକୁ କେହି ପ୍ରାର୍ଥୀ ଆସି ନ ଥିବା ଦେଖାଯାଇଥିଲା। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମଞ୍ଚର ଆବାହକ ଗୋବିନ୍ଦ ମହାପାତ୍ର ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀ ନିକଟରେ ମଞ୍ଚ ପ୍ରସ୍ତୁତ କରି ନେତାଙ୍କୁ ସନ୍ଧ୍ୟାଶ ପର୍ଯ୍ୟନ୍ତ ପ୍ରତିକ୍ଷା କରିଥିଲେ ମଧ କେହି ନ ଆସିବାରୁ ସେ ନିଜେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିବା ନିମନ୍ତେ ନିଜସ୍ୱ ଢ଼ଙ୍ଗରେ ଅଭିଭାଷଣ ଦେଇ ପ୍ରର୍ଥୀ ମାନଙ୍କୁ କଟାକ୍ଷ କରିଥିବା ଦେଖାଯାଇଥିଲା। 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' ବ୍ୟାନରରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ଜନମଞ୍ଚରେ ବକ୍ତବ୍ୟ ରଖିବାକୁ ଏହା ଆୟୋଜନ କରାଯାଇଥିଲା।

### ୩ ବଖରା ଜଳିଗଲା

ସାକ୍ଷୀଗୋପାଳ, ୧୮।୪ (ଡି.ଏନ୍.ଏ./ ସ୍ୱ.ପ୍ର.)-ସତ୍ୟବାଦୀ ବ୍ଲକ ମଧୁବନ ପଞ୍ଚାୟତର ଦିଘରିଆପାରି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ବଗୁଲା ପ୍ରଧାନ, ଜମ୍ଭୁଆ ପ୍ରଧାନ ଓ କାଲୁ ପ୍ରଧାନଙ୍କର ୩ ବଖରା ସହ ଆସବାବ ପତ୍ର ପୋଡିଯାଇଛି। ସେହିଗ୍ରାମ ନିକଟ ଆକାଶୀ ଜଙ୍ଗଲରେ ନିଆଁ ଲାଗିଯାଇଥିବା ଖବର ପାଇ ସାକ୍ଷୀଗୋପାଳ ଦମକଳ କେନ୍ଦ୍ରର ନିଆଁଲିଭାଳିମାନେ ପହଞ୍ଚି ଜଙ୍ଗଲରୁ ନିଆଁ ଲିଭାଇ ଫେରିବା ପରେ ଗାଁରେ ନିଆଁ ଲାଗିଯାଇଥିଲା। ସାକ୍ଷୀଗୋପାଳ ବଜାରରୁ ଫେରି ନିଆଁଲିଭାଳି ମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

### ଭାଜପାରେ ମିଶିଲେ ଅନ୍ୟ ଦଳର କର୍ମୀ

କାକଟପୁର, ୧୮।୪(ଡି.ଏନ୍.ଏ.): ଦଳୀୟ ପ୍ରାଥୀ ଚୟନରେ ଅସନ୍ତୋଷ ପ୍ରକାଶ କରି ଗୁରୁବାର କାକଟପୁର ବ୍ଲକ କୁଣ୍ଡେଇ ପଞ୍ଚାୟତର ଶତାଧିକ ବିଜେଡି ଓ କଂଗ୍ରେସ ସମର୍ଥକ ଭାଜପାରେ ସାମିଲ ହୋଇଛନ୍ତି। ଗୁରୁବାର ଭାଜପାର ବିଧାନସଭା ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ରବି ମଲ୍ଲିକ ନିଜ ସମର୍ଥକଙ୍କ ସହ ପ୍ରଚାର କରୁଥିବାବେଳେ ବିଜେଡି କର୍ମୀ ଉପେନ୍ଦ୍ର ସୁବୁଦ୍ଧି, ସୋମନାଥ ବେହେରା ଏବଂ କଂଗ୍ରେସ ସମର୍ଥକ ରାମଚନ୍ଦ୍ର ସାହୁ, କୈଳାସ ବେହେରା, ସନ୍ତୋଷ ଡାଲୁଆ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଭାଜପାରେ ଯୋଗଦେଇଥିଲେ। ଭାଜପା ପ୍ରାର୍ଥୀ ମଲ୍ଲିକ ସେମାନଙ୍କୁ ଦଳୀୟ ଟୋପି ସହ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ।

■ ମା' ମଙ୍ଗଳାଙ୍କ ଚଇତି ପର୍ବ

# ଗୌରୀ ବେଶରେ ଦର୍ଶନକଲେ ଭକ୍ତ

କଣାସ, ୧୮।୪(ଡି.ଏନ୍.ଏ./ସ୍ୱ.ପ୍ର.):

ଜଳିଆପଡ଼ାସ୍ଥିତ ମାତୃଶକ୍ତି ପୀଠ ମା' ମଙ୍ଗଳାଙ୍କ ଚଇତି ପର୍ବର ଗୁରୁବାର ଥିଲା ଦ୍ୱିତୀୟ ଦିନ। ଦ୍ୱିତୀୟ ଦିନରେ ମା' ମଙ୍ଗଳାଙ୍କ ଗୌରୀବେଶ, ଭକ୍ତମାନଙ୍କର ଅଳତା ସେବା ଓ ପୌରାଣିକ ନାଟକ କାଳୀୟ ଦଳନ ଥିଲା ସ୍ୱତନ୍ତ୍ର ଆକର୍ଷଣ। କଳସ ଯାତ୍ରାର ମାହୋଲ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଟାଣିଆଣିଥିଲା ପୀଠକୁ। ଭୋରରୁ ମା'ଙ୍କର ନୀତିକାନ୍ତି ସରିଲା ପରେ ଯଜ୍ଞକର୍ମ ଆରମ୍ଭ ହୋଇଥିଲା। ଏହି ଅବସରରେ ମା'ଙ୍କର ପହଣ୍ଡି ଅନୁଷ୍ଠିତ ହୋଇଥିଲା। ବରଗଡର ଘଣ୍ଟବାଦ୍ୟ, ଘୋଡ଼ାନାଚ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି, ଶଙ୍ଖ, ମହୁରି ନାଦରେ ପୀଠ ଉଚ୍ଛୁଳିଥିଲା। ପହଣ୍ଡି ଦେଖିବା ପାଇଁ ଭକ୍ତମାନେ ବ୍ୟାକୁଳ ହୋଇ ପଡିଥିଲେ। ପରେ ଭକ୍ତମାନେ ଅଳତା ସେବାରେ ଲାଗି ପଡିଥିଲେ। ମହିଳା ଓ ପୁରୁଷ ଭକ୍ତମାନେ ପରସ୍ପରକୁ ଅଳତା ଲଗାଇ ଦେଇଥିଲେ। ଏହା ପରେ ସୂର୍ଯ୍ୟପୂଜା ଓ ଗୋପୂଜା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ପଣ୍ଡିତ ଓ ପୁରୋହିତମାନଙ୍କ ମନ୍ତ୍ରଧ୍ୱନିରେ ଯଜ୍ଞସ୍ଥଳ ପ୍ରକମ୍ପିତ ହୋଇଥିଲା। ମାନସିକଧାରୀ କଳ୍ପବଟରେ ଗୁଆ ବାନ୍ଧିଥିଲେ। ଦିନତମାମ ସଂକୀର୍ତ୍ତନ, ଭଜନ ଅନୁଷ୍ଠିତ ହେବା ସହିତ ସନ୍ଧ୍ୟାରେ ପାଲା ଓ ରାତ୍ରିରେ କାଳୀୟଦଳନ ଅନୁଷ୍ଠିତ ହୋଇଥିଲା। ଆନନ୍ଦ ବଜାରରେ ଦିନତମାମ ପ୍ରସାଦ ସେବନ ପାଇଁ ଭିଡ଼ ଲାଗି ରହିଥିଲା। ଦୟାବିହାର ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀମାନେ ଆନନ୍ଦବଜାରରେ ସେବା ଯୋଗାଇଦେଇଥିଲେ। କଣାସ ପୋଲିସ ସ୍ୱାସ୍ଥ୍ୟ ବିଭାଗ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପୀଠରେ ସେବା ଦେବା ସହିତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିଥିଲେ।



ଗୌରୀ ବେଶରେ ମା' ମଙ୍ଗଳା।



ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରୁ ବିଜେଡି ପତାକା ହଟାଉଛି।

## ବିଜେଡି ପତାକା ହଟାଇଲା ପ୍ରଶାସନ

ପୁରୀ ଅଫିସ,୧୮।୪:

ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନ କେତେକ ଗାଇଡ୍‌ଲାଇନ ପ୍ରସ୍ତୁତ କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ପୋଷ୍ଟର ଓ ଦଳୀୟ ପତାକା ଶିକ୍ଷାନୁଷ୍ଠାନ, ଦେବାଳୟ ଭଳି କେତେକ ସ୍ଥାନରେ ଲଗାଇବା ଉପରେ କଟକଣା ଜାରି କରିଛନ୍ତି। ମାତ୍ର ଏହାକୁ ପ୍ରାୟ ସବୁ ରାଜନୈତିକ ଦଳ ଉଲ୍ଲଂଘନ କରୁଛନ୍ତି। ଗୁରୁବାର ପୁରୀ ବଡ଼ଦାଣ୍ଡରେ ରାସ୍ତା ଡିଭାଇଡ୍‌ର ପାଇଁ ରହିଥିବା ବ୍ୟାରିକେଡରେ ଶହ ଶହ ସଂଖ୍ୟାରେ ଲାଗିଥିବା ବିଜେଡି ପତାକା ଓ ପୋଷ୍ଟରକୁ ପ୍ରଶାସନ ହଟାଇଛି। ସକାଳେ ଏହି ପତାକାଗୁଡ଼ିକ ଲଗାଯାଇଥିଲା। ପ୍ରଶାସନ ପାଖରେ ଖବର ପହଞ୍ଚିବା ପରେ ସମ୍ପୃକ୍ତ ଦାୟିତ୍ୱରେ ଥିବା କର୍ମଚାରୀମାନେ ପହଞ୍ଚି ଏଗୁଡ଼ିକୁ କାଢି ନେଇଥିଲେ। କେବଳ ବଡ଼ଦାଣ୍ଡ ବ୍ୟାରିକେଡ ନୁହେଁ ବିଭିନ୍ନ ଦେବାଳୟ, ଶିକ୍ଷାନୁଷ୍ଠାନ ପାଚେରି କାନ୍ଥରେ ଦଳୀୟ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି।

## ୩ ଜୀବନ ଯିବା ପରେ ଜାରିହେଲା ୧୪୪ ଧାରା

### ୨ ଡଙ୍ଗା, ୨ ମେଶିନ ଜବତ

ନିମାପଡ଼ା,୧୮।୪(ଡି.ଏନ୍.ଏ.):

ନିମାପଡ଼ା ଥାନା ଅନ୍ତର୍ଗତ କୁଶଭଦ୍ରା ନଦୀର ଧୀରପୁର ବାଲିଘାଟ ଗଣ୍ଡରେ ମଙ୍ଗଳବାର ଗାଧୋଇବା ବେଳେ ପାଣିରେ ବୁଡିଯାଇ ୩ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ଧିରପୁର ବାଲିଘାଟରେ ସରକାରୀ ନିୟମକୁ ଉଲଂଘନ କରାଯାଉଥିବା ସମ୍ପର୍କରେ ଲିଜଧାରୀଙ୍କୁ ତହସିଲ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୨୧୯୫/୧୭/୪/୧୯ରେ ଏକ କୈଫିୟତ ତଲବ ନୋଟିସ ଜାରି କରିଥିଲେ। ଗୁରୁବାର ତହସିଲଦାର କମଲଜିତ ଦାସଙ୍କ ନିର୍ଦ୍ଦେଶକ୍ରମେ ତମ୍ପାଲୋ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଜୀବନ ଦାସ, ଏସ୍‌ଆଇ ରଶ୍ମିରଞ୍ଜନ ପୃଷ୍ଟି, ଏଏସ୍‌ଆଇ ପ୍ରମୋଦ କୁମାର ସେଠୀ ପ୍ରମୁଖ ଧୀରପୁର ବାଲିଘାଟ ଉପରେ ଚଢ଼ାଉ କରି ବେଆଇନଭାବେ ବାଲି ଉତ୍ତୋଳନ କରୁଥିବା ୨ଟି ଡଙ୍ଗା ଓ ୨ଟି ମେଶିନକୁ ଜବତ କରିଥିବା ରାଜସ୍ୱ ବିଭାଗ ପକ୍ଷରୁ ଜଣାପଡ଼ିଛି। ରାଜସ୍ୱ ବିଭାଗ ପକ୍ଷରୁ ଧୀରପୁର ବାଲିଘାଟରେ ୧୪୪ ଧାରା ଜାରି କରାଯାଇଥିବା ତହସିଲଦାର ଦାସ କହିଛନ୍ତି। ଅନ୍ୟପକ୍ଷରେ ବେଆଇନଭାବେ ନଦୀପଠାରୁ ବାଲି ଉତ୍ତୋଳନ କରୁଥିବା ଲିଜଧାରୀଙ୍କୁ ଗିରଫ କରାଯିବାକୁ ସାମାଜିକ କର୍ମୀ, ବୁଦ୍ଧିଜୀବୀମାନେ ପୁରୀ ଜିଲାପାଳ ଓ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି।

## ଶ୍ରୀରାଧାକାନ୍ତ, ଶ୍ରୀରାଧାମୋହନ ଦେବଙ୍କ ଦୟଣାଚୋରି ଯାତ୍ରା

କଣାସ, ୧୮।୪(ଡି.ଏନ୍.ଏ.):

ଡେଲାଙ୍ଗ ବ୍ଲକର ଘୋରଡିଆ ଗ୍ରାମର ଶ୍ରୀରାଧାକାନ୍ତ ଦେବ ଓ ଶ୍ରୀରାଧାମୋହନ ଦେବଙ୍କ ଦୟଣାଚୋରି ଯାତ୍ରା ଗୁରୁବାର ମଧ୍ୟରାତ୍ରିରେ ଅନୁଷ୍ଠିତ ହୋଇଛି। ଘୋରଡିଆର ପ୍ରସିଦ୍ଧ ଦୟଣାଚୋରି ଯାତ୍ରା ଜମାଣ, ସଲଟଣ, ବାଦ୍ୟ, ହରିବୋଲ ଓ ବିଭିନ୍ନ ପ୍ରକାରର ପଶୁପକ୍ଷୀ ମୂର୍ତ୍ତିରେ ସୁସଜ୍ଜିତ ବିମାନ, ତଗା, ଗରୁଡ ଓ ବୀର ହନୁମାନଙ୍କ ଶୋଭାଯାତ୍ର ଦେଖିବା ପାଇଁ ଆଖପାଖ ଗ୍ରାମର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସାଉରିଆରେ ବିଜେ ଶ୍ରୀରାଧାକାନ୍ତ ଦେବଙ୍କ କୁଞ୍ଜ ଗ୍ରାମ ପରିକ୍ରମା କରି ଘନିପୁରର ଶ୍ରୀରାଧାମୋହନ ଦେବଙ୍କ ସହ ଦୟାନଦୀ କୂଳରେ ଅବସ୍ଥିତ କଳ୍ପିତ ଦୟଣା ଉଦ୍ୟାନଙ୍କୁ ଆସିବାର ପରମ୍ପରା ରହିଛି। ଏଠାରେ ଜୀଉ ଦ୍ୱୟଙ୍କ ଜଣେ ସେବକ ଦୁର୍ଲଭ ଦୟଣା ଗୁଚ୍ଛ ଚୋରି କରିବା ଅପରାଧରେ କଳ୍ପିତ ରାଜା ମନ୍ଦିରର ମୁଖ୍ୟ ପରିଚାଳକଙ୍କ ନିର୍ଦ୍ଦେଶକ୍ରମେ କାରାରୁଦ୍ଧ କରାଯାଇଥିଲା। ଶ୍ରୀଜୀଉଙ୍କ ସ୍ୱପ୍ନାଦେଶ ପରେ ଉକ୍ତ ସେବକଙ୍କୁ ସସମ୍ମାନ କାରାମୁକ୍ତ କରିବା ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଜୀଉମାନେ ୩ ଦିନ ଧରି ମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ପରେ ରବିବାର ରାତିରେ ବାହୁଡାଯାତ୍ରା ଅନୁଷ୍ଠିତ ହେବ।



ପୁରୀ ବଡ଼ଦାଣ୍ଡରେ ଗୁରୁବାର କାର୍ଯ୍ୟରତ ଟ୍ରାଫିକ୍ କର୍ମଚାରୀମାନେ ମୋବାଇଲ ଦେଖିବାରେ ବ୍ୟସ୍ତ।

## ୨୬ରେ ଗୁଣ୍ଡିଚା ମନ୍ଦିର ରୋଷଘର ଯାଞ୍ଚ

ପୁରୀ ଅଫିସ,୧୮।୪:

ଆସନ୍ତା ୨୬ତାରିଖରେ ଶ୍ରୀଗୁଣ୍ଡିଚା ମନ୍ଦିର ରୋଷଘର ଯାଞ୍ଚ କରାଯିବ। ଏଥିସହ ମନ୍ଦିରର ଆଉ କେଉଁସବୁ ସ୍ଥାନରେ କ'ଣ ମରାମତିର ଆବଶ୍ୟକତା ରହିଛି ତାହା ମଧ୍ୟ ଅନୁଧ୍ୟାନ ହେବ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଏହି ଯାଞ୍ଚରେ ସାମିଲ ରହିବେ ବୋଲି ସୂଚନା ମିଳିଛି। ଗତବର୍ଷ ରଥଯାତ୍ରା ସମୟରେ ପ୍ରବଳ ବର୍ଷା ହୋଇଥିଲା। ଗୁଣ୍ଡିଚା ମନ୍ଦିର ରୋଷଘର ଛାତରୁ ପାଣି ଗଳି କୋଠ ଭୋଗରେ ପଡ଼ିଥିଲା। ଫଳରେ ବହୁ ବିରିପିଠା ନଷ୍ଟ ହୋଇଯାଇଥିଲା। ତେଣୁ ଏଥର ଯେପରି ତାହାର ପୁନରାବୃତ୍ତି ନ ଘଟେ ସେଥିଲାଗି ସତର୍କ ହୋଇଛି ମନ୍ଦିର ପ୍ରଶାସନ।

## ବିଜ୍ଞାନର ଉପାଦେୟତା ବୁଝିଲେ ଛାତ୍ରୀଛାତ୍ର

ପୁରୀ ଅଫିସ,୧୮।୪:

ସ୍ଥାନୀୟ ବିଶ୍ୱମ୍ଭର ବିଦ୍ୟାପୀଠରେ ଗୁରୁବାର ଏଟିଏଲ୍ (ଅଟଳ ଟିଙ୍କରିଂ ଲାବରେଟୋରୀ) କମ୍ୟୁନିଟି ଡେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶୀଲ କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଡ. ହୃଷୀକେଶ କାଣ୍ଡି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ମହାପାତ୍ର, ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ମିଶ୍ର ଯୋଗଦେଇ ଗଣିତର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଶିକ୍ଷା ତାଲିମ ଅନୁଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ଅବନୀଶ ରଥ 'ଆସ କରି ଶିଖିବା' ପ୍ରକଳ୍ପ ଦ୍ୱାରା ପିଲାଙ୍କୁ ବିଭିନ୍ନ ଗ୍ରୁପ୍‌ରେ ବିଭକ୍ତ କରି ଶିଖାଇଥିଲେ। ଛାତ୍ରୀଛାତ୍ରମାନେ ଥ୍ରୀଡି ପ୍ରିଣ୍ଟର ମାଧ୍ୟମରେ କାର୍ଯ୍ୟ କରିବାର କୌଶଳ ଶିଖିଥିଲେ । ପିଲାମାନଙ୍କ ଦ୍ୱାରା ଆଗରୁ କରାଯାଇଥିବା ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଅତିଥି ଭାବେ ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା, ମୋ ସ୍କୁଲ ଅଭିଯାନର ଚେୟାରମ୍ୟାନ ରମାରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଶିକ୍ଷକ ଶିବରାମ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏଟିଏଲ୍ ଇନ୍‌ଚାର୍ଜ ଦିବାକର ଦଳାଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଜ୍ଞାନ ଶିକ୍ଷକ ଯୋଗେଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।



ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରକଳ୍ପ ସମ୍ପର୍କରେ ତାଲିମ ନେଉଛନ୍ତି।

## ପିଲା, ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା

ପୁରୀ ଅଫିସ, ୧୮।୪:

କଳିଙ୍ଗ ବୈଶ୍ୟ ଯୁବକ ସଂଘ ଆନୁକୂଲ୍ୟରେ ବୈଶ୍ୟ ଭବନ ଠାରେ ବୈଶ୍ୟ ପରିବାରର ସଦସ୍ୟ ଓ ପିଲାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଚନ୍ଦ୍ରଶେଖର ମହାରଣା, ଦେବେନ୍ଦ୍ର ଦାସ, ମାନସ କୁମାର ସାହୁ, ନାରାୟଣ ମହାପାତ୍ର, ଫକିର କୁମାର ସାମନ୍ତବର୍ମା ପ୍ରମୁଖ ଯୋଗଦେଇଥିଲେ। ବିଜୟୀ ପ୍ରତିଯୋଗୀମାନଙ୍କୁ ସଂଘର ୨୫ତମ ପ୍ରତିଷ୍ଠା ଦିବସ ତଥା ରୌପ୍ୟ ଜୟନ୍ତୀରେ ପୁରସ୍କୃତ କରାଯିବ।

## 'ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଆବଶ୍ୟକ'

ପୁରୀ ଅଫିସ,୧୮।୪:

ଐତିହ୍ୟ ସୁରକ୍ଷା ପରିଷଦ ପକ୍ଷରୁ ସ୍ଥାନୀୟ ଗୋଏଙ୍କା ଧର୍ମଶାଳା ପରିସରରେ ଗୁରୁବାର ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ପରିଷଦର ସଭାପତି ଶିକ୍ଷାବିତ୍ ରଘୁନାଥ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ଦାଶ, ନାଟ୍ୟକାର ଦୟାନିଧି ତ୍ରିପାଠୀ, ଡ. ହରପ୍ରସାଦ ମିଶ୍ର, ଅଧ୍ୟାପକ ଦେବରାଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଐତିହ୍ୟ ସ୍ଥାନଗୁଡ଼ିକୁ ଚିହ୍ନଟ କରି ପ୍ରାଚୀନ ଐତିହ୍ୟ ଓ ସାଂସ୍କୃତିକ କୀର୍ତ୍ତିରାଜିକୁ ସୁରକ୍ଷା ଦେବା ଆବଶ୍ୟକ। ଏହା ମଧ ପ୍ରତ୍ୟେକଙ୍କ କର୍ତ୍ତବ୍ୟ ହେବା ଉଚିତ। ମାତ୍ର ପରିତାପର ବିଷୟ କୋଣାର୍କର ସୂର୍ଯ୍ୟମନ୍ଦିରଠାରୁ ଆରମ୍ଭ କରି ବାଣପୁରର ଦକ୍ଷ ପ୍ରଜାପତି ମନ୍ଦିର, ଋଷିକୁଲ୍ୟା ମୁହାଣ ନିକଟ ପୋଡ଼ାଗଡ, ଲଳିତଗିରି, ଉଦୟଗିରି, କେଦାରଗୌରୀ, ଲିଙ୍ଗରାଜ ଓ ବ୍ରହ୍ମେଶ୍ୱର ମନ୍ଦିର ଇତ୍ୟାଦିର କୀର୍ତ୍ତିରାଜି ନଷ୍ଟ ହୋଇଗଲାଣି। ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦିଗରେ ଅବହେଳା କରାଯାଉଛି। ଏଏସ୍‌ଆଇ ଏ ଦିଗରେ ଦୃଷ୍ଟିଦେବା ଦରକାର ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏମିତି କେତେକ ଐତିହ୍ୟ ମନ୍ଦିର ଓ କୀର୍ତ୍ତିରାଜି ରହିଛି ଯାହା ଲୋକଲୋଚନକୁ ନ ଆସିବା ପରିତାପର ବିଷୟ ବୋଲି ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଶୋକ କୁମାର ଆଢ୍ୟ, ଡ. ରମାକାନ୍ତ କର, ପ୍ରଦୀପ କୁମାର ନାୟକ, କୃଷ୍ଣଚନ୍ଦ୍ର ରଥ, ପ୍ରଭାକର ମିଶ୍ର, ରବିନାରାୟଣ ହୋତା ପ୍ରମୁଖ କହିଥିଲେ। ଶେଷରେ ପବିତ୍ର ମୋହନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଭାଜପା ନେତା କାହ୍ନୁଚରଣଙ୍କ ପରଲୋକ

ନିମାପଡ଼ା,୧୮।୪(ଡି.ଏନ୍.ଏ.):

ନିମାପଡ଼ାର ଭାଜପା ନେତା ଓ ଏନ୍‌ଏସିର ପୂର୍ବତନ କାଉନ୍‌ସିଲର କାହ୍ନୁଚରଣ ନାୟକ(୪୯)ଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ରୋଗଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିଲେ। ଗୁରୁବାର ନିମାପଡ଼ାରେ ତାଙ୍କ ମୃତଦେହ ପହଞ୍ଚିବା ପରେ ଭାଜପା ବିଧାୟିକା ପ୍ରାର୍ଥୀ ପ୍ରଭାତୀ ପରିଡା, ଦିଲୀପ ପାତ୍ର, ମୀନଲତା ମହାନ୍ତି, କୈଳାସ ଦାସଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ନିମାପଡ଼ା ସହର ପରିକ୍ରମା କରିଥିଲା। ପାଟପୁର ଗ୍ରାମରେ ତାଙ୍କୁ ଶତାଧିକ ଭାଜପା ନେତା, କର୍ମୀ ଓ ସ୍ଥାନୀୟ ବ୍ୟକ୍ତି ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବାଲୁକା କଳାରେ ଭୋଟର ସଚେତନତା ବାର୍ତ୍ତା




ଭୋଟର ସଚେତନତା ନେଇ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ନିର୍ମିତ ବାଲୁକା କଳା।

ପୁରୀ ଅଫିସ, ୧୮।୪:

ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ ଓ ଦେଶର ଭବିଷ୍ୟତକୁ ଉଜ୍ଜଳମୟ କରନ୍ତୁ। ଏଭଳି ସଚେତନତା ବାର୍ତ୍ତା ଦେଇ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ପୁରୀ ସମୁଦ୍ର ବେଳାଭୂମିରେ ନିର୍ମାଣ କରିଛନ୍ତି ବାଲୁକା କଳା। ଏହା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି ମାନସ। ତାଙ୍କ ଦ୍ୱାରା ନିର୍ମିତ ୮ଫୁଟ ଉଚ୍ଚତାର ଏହି ବାଲୁକା କଳାରେ ୧୦ଟନ୍ ବାଲି ଉପଯୋଗ ହୋଇଛି। ଏହାକୁ ତିଆରି କରିବା ପାଇଁ ୨୪ଘଣ୍ଟା ସମୟ ଲାଗିଥିବା ମାନସ କହିଛନ୍ତି।

# ବାଇକ୍ ରାଲି, ପଦଯାତ୍ରାରେ ଭୋଟ୍ ଭିକ୍ଷା

ପୁରୀ ଅଫିସ,୧୮।୪:

ଆସନ୍ତା ୨୩ତାରିଖରେ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହା ଅଧୀନ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହେବ। ୨୧ତାରିଖ ପ୍ରଚାରର ଶେଷଦିନ ଥିବାରୁ କିପରି ଅଧିକରୁ ଅଧିକ ଭୋଟରଙ୍କୁ ଆକୃଷ୍ଟ କରିବେ ସେଥିଲାଗି ପ୍ରାର୍ଥୀଙ୍କ ଆଖିରେ ନିଦ ନାହିଁ। ସକାଳ ହେଲେ ଘାରୁଛି ପ୍ରଚାର ଚିନ୍ତା। ବିଭିନ୍ନ ଦଳର ପ୍ରଚାରରେ କମ୍ପୁଛି ଗାଁଠୁ ସହର। ସଭା, ସମିତି, ରୋଡ୍ ଶୋ ସାଙ୍ଗକୁ କର୍ମୀ ସମ୍ମିଳନୀ ବି ହେଉଛି। ଗଳିକନ୍ଦିରେ ବୁଲୁଛି ପ୍ରଚାର ଗାଡ଼ି। ପ୍ରାର୍ଥୀଙ୍କ ନାଁକୁ ନେଇ ପ୍ରସ୍ତୁତ ସଙ୍ଗୀତରେ ଭୋଟ ଭିକ୍ଷା ଚାଲିଛି। ଶୁକ୍ରବାର ପୁରୀ ନିର୍ବାଚନମଣ୍ଡଳୀରେ ଭାଜପା, ବିଜେଡି ଓ କଂଗ୍ରେସ ପକ୍ଷରୁ ଜୋର୍‌ଦାର ପ୍ରଚାର ହୋଇଥିଲା।



କଂଗ୍ରେସ ପକ୍ଷରୁ ପୁରୀରେ ବାହାରିଥିବା ବାଇକ୍ ଶୋଭାଯାତ୍ରା।

କଂଗ୍ରେସର ଲୋକ ସଭା ପ୍ରାର୍ଥୀ ସତ୍ୟପ୍ରକାଶ ନାୟକ ଏବଂ ବିଧାନସଭା ପ୍ରାର୍ଥୀ ଇଂ. ଅରୋପ୍ରସାଦ ମିଶ୍ର ଜିଲା ଦଳୀୟ କାର୍ଯ୍ୟାଳୟରୁ ବାଇକ୍ ଶୋଭାଯାତ୍ରାରେ ବାହାରିଥିଲେ। ସମର୍ଥକ ଓ କର୍ମୀଙ୍କ ଗହଣରେ ସିଂହଦ୍ୱାର ଦେଇ ହରଚଣ୍ଡି ସାହି, ବାଲି ସାହି, ଧାନକୁଟି ସାହି, ମୋଚିସାହି ପ୍ରଭୃତି ଅଞ୍ଚଳ ବୁଲି ଭୋଟ ଭିକ୍ଷା କରିଥିଲେ। ବିଭିନ୍ନ ସାହିରେ ପ୍ରାର୍ଥୀଙ୍କୁ ଦଳୀୟ କର୍ମୀମାନେ ସ୍ୱାଗତ ଜଣାଇଥିଲେ। ସେହିପରି ବିଜେଡି ପକ୍ଷରୁ ୨, ୧୨ ଓ ୧୯ ନମ୍ବର ୱାର୍ଡରେ କର୍ମୀ ସମ୍ମିଳନୀ ହୋଇଥିଲା। ଏଥିରେ ବିଧାୟକ ପ୍ରାର୍ଥୀ ମହେଶ୍ୱର ମହାନ୍ତି ଯୋଗଦେଇ ପ୍ରଚାର କରିଥିବାବେଳେ ସବ୍ୟସାଚୀ ମହାପାତ୍ର, ରାମକୃଷ୍ଣ ଦାସମହାପାତ୍ର, ଭକ୍ତ ଦାସ, ପ୍ରୀତମ ଜଗଦ୍ଦେବ ପ୍ରମୁଖ ସାମିଲ ଥିଲେ। ଭାଜପାର ବିଧାନସଭା ପ୍ରାର୍ଥୀ ଜୟନ୍ତ କୁମାର ଷଡ଼ଙ୍ଗୀ ସମର୍ଥକଙ୍କ ଗହଣରେ ପୁରୀ ସଦର ବ୍ଲକର ଚନ୍ଦନପୁର, ମାଳତିପାଟପୁର, ଗଙ୍ଗାନାରାୟଣପୁର, ମାର୍କଣ୍ଡପୁର, ବାଲିପଡ଼ା, ଗଡ଼ମୃଗଶିରା, ବାଳିପୁଟ ସମେତ ୧୦ଟି ପଞ୍ଚାୟତରେ ବାଇକ୍ ଶୋଭାଯାତ୍ରା ଏବଂ ପଦଯାତ୍ରା କରିଥିଲେ।